## ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା


ବିସ୍ଫୋରଣ ଯୋଗୁ ଗଚ୍ଛିତ ରହିଥିବା ବାଣ ଫୁଟି ବିକ୍ଷିପ୍ତ ଭାବେ ପଡ଼ିରହିଛି।


ଜଣେ ଆହତଙ୍କୁ ଷ୍ଟ୍ରେଚରରେ ଚିକିତ୍ସା ପାଇଁ ନିଆଯାଉଛି।


ପୁରୀ ହସ୍ପିଟାଲ ପରିସରରେ ଆହତଙ୍କ ସମ୍ପର୍କୀୟଙ୍କ କାନ୍ଦବୋବାଳି । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)


ପୁରୀ ହସ୍ପିଟାଲ ପରିସରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।


କଟକ ଏସ୍‌ସିବି ହସ୍ପିଟାଲରେ ପହଞ୍ଚିଥିବା ଜଣେ ଆହତଙ୍କୁ ନିଆଯାଉଛି।



କଟକ ଏସ୍‌ସିବିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

# ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ନୀତି

**ପୁରୀ,୨୯।୫(ଅଜିତ ମହାନ୍ତି)**

ପବିତ୍ର ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସକୁ ଭଉଁରି କୁହାଯାଏ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ନୌକାବିହାର କରିଥାନ୍ତି। ୨୧ଦିନିଆ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସ ଅବସରରେ ବୁଧବାର ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଭଉଁରି ନୀତି ସମ୍ପନ୍ନ ହୋଇଯାଇଛି।

ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଚ୍ଛ ସେବକଙ୍କ ଦ୍ୱାରା ଠାକୁରଙ୍କ ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ନନ୍ଦା ଓ ଭଦ୍ରା ଚାପଡଙ୍ଗାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନକୁଣ୍ଡକୁ ବିଜେ ହୋଇଥିଲେ।



ପରେ ବେଶ ଓ ଭୋଗ ମଣୋହି କରାଯାଇଥିଲା। ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରି ଯାତ୍ରା ପାଇଁ ଚାପଡଙ୍ଗାକୁ ବିଜେ ହୋଇଥିଲେ। ପୁଷ୍କରିଣୀର ସମସ୍ତ କୋଣ ଓ ଦୀପଦାଣ୍ଡି ନିକଟରେ ୨୧ ଘେରା ଲେଖାଏ ଠାକୁରମାନେ ଚାପଡଙ୍ଗାରେ ବୁଲିଥିଲେ। ଭଉଁରି ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଉଉଁରିଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ଚକଡ଼ାକୁ ପରିଷ୍କାର ପରିଚ୍ଛନ୍ନ ଓ ସୁସଜ୍ଜିତ କରାଯାଇଥିଲା। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ସହ ଭଜନ କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ପାଲିଙ୍କି ଓ ବିମାନ ଆଗେ ଆଗେ ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା- ମେଢ, ବାଡ଼ିଖେଳ, ନାଗା, ହନୁମାନ, କାଳୀ ମେଢ, ଖୋଲାମେଢ଼ ଆଦି ବାହାରିଥିଲା। ବିଶେଷକରି କୁନି କୁନି ପିଲାଙ୍କ ମେଢ଼ ନୃତ୍ୟ ମନ ମୋହିଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ମାହାରୀ ଆଦି ପରିବେଷଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମଣ୍ଡଳୀଙ୍କ ସଂକୀର୍ତ୍ତନ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସିଂହଦ୍ୱାର, ବଡ଼ଦାଣ୍ଡ, ମାର୍କେଟ ଛକ ଓ ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଗୁରୁବାର ଠାକୁରଙ୍କ ହଳଦୀପାଣି ନୀତି ଅନୁଷ୍ଠିତ ହେବ।

# ୨ଆଇପିଏସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସୁଧୁରୁନାହାନ୍ତି ନିମ୍ନ ପାହ୍ୟା ପୋଲିସ ଅଧିକାରୀ:ଭାଜପା

**ଭୁବନେଶ୍ୱର,୨୯।୫(ସୁନିତ୍ ମିଶ୍ର)**

୨ ଆଇପିଏସ୍ ଅଧିକାରୀ(ଡି.ଏସ୍. କୁଟ୍ଟେ ଓ ଆଶିଷ ସିଂ)ଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସୁଧୁରୁନାହାନ୍ତି ନିମ୍ନ ପାହ୍ୟା ପୋଲିସ ଅଧିକାରୀ। ଫଳରେ ନିର୍ବାଚନୀ ହିଂସାରେ ସମ୍ପୃକ୍ତ ବିଜେଡି କର୍ମୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ପଛଘୁଞ୍ଚା ଦେଉଛନ୍ତି। ଏହି କାରଣରୁ ବିଜେଡି ନିର୍ବାଚନ ବେଳେ ବାରମ୍ବାର ହିଂସା ଆଚରଣ କରିବାରେ ସମର୍ଥ ହେଉଛି। ପରାଜୟ ଭୟରେ ସମ୍ବିଧାନ ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରିବା ପାଇଁ ଦାବି ଜଣାଉଥିବା ବିଜେଡି ଏବେ ଅଧିକ ହିଂସ୍ର ହୋଇଉଠିଛି। କଳେବଳେ କୌଶଳେ ନିର୍ବାଚନ ଜିତିବା ପାଇଁ ଗୁଣ୍ଡାଗର୍ଦ୍ଦି କରି ଭାଜପା କର୍ମୀଙ୍କୁ ଆକ୍ରମଣ କରୁଛି। ଓଡ଼ିଶାର ୩ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ହିଂସା ଘଟାଇବା ସତ୍ତ୍ୱେ ଜନମତ ଭାଜପା ସପକ୍ଷରେ ରହିଛି। ଆସନ୍ତା ଜୁନ୍ ୪ ପରେ ଭାଜପା ସରକାର ଗଠନ କରିବା ନିଶ୍ଚିତ। ଆସନ୍ତା ୧ ତାରିଖରେ ହେବାକୁ ଥିବା ନିର୍ବାଚନରେ ବିଜେଡି ଖରାପ ପ୍ରଦର୍ଶନ କରିବ ବୋଲି ଜାଣିସାରିଥିବାରୁ ରକ୍ତମୁଖା ହୋଇଉଠିଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢୁଛନ୍ତି। ଗଞ୍ଜାମ ଜିଲା ସଭାପତି ସୁବାସ ଚନ୍ଦ୍ର ସାହୁ ରାଜ୍ୟ ସଭାପତିଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିଲେ। ସାହୁଙ୍କୁ ତୋଟାପଡ଼ା ଗାଁରେ ବିଜେଡିର ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି । ସାହୁଙ୍କ ହାତ ଭାଙ୍ଗିଦେବା ସହ ଗାଡ଼ି ନଷ୍ଟକରି ଟଙ୍କା ଛଡ଼ାଇ ନେଇଛନ୍ତି। ବ୍ୟୋମକେଶ ରାୟଙ୍କ ପାଖଲୋକ ଏଭଳି ଘଟଣା ଘଟାଇଛନ୍ତି। ଏଭଳି ଆତଙ୍କରାଜ ଚଳାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫକରିବା ପାଇଁ ଭାଜପା ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଦାବି କରିଛି।

# ଭୋଟରଙ୍କୁ ବାଣ୍ଟିବାବେଳେ ୨.୪୪ ଲକ୍ଷ ଟଙ୍କା ଜବତ

**ବଲାଙ୍ଗୀ,୨୯।୫(କେଦାରେଶ୍ୱର ନନ୍ଦ)**

୨ ଜଣ ଯୁବକ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଘଟଣାରେ ବଲାଙ୍ଗୀ ପୋଲିସ ୨ ଲକ୍ଷ ୪୪ ହଜାର ଟଙ୍କା ଜବତ କରିଛି। ତେବେ ଦୁହେଁ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଫ୍ଲାଗ୍ ସ୍କାଡ୍ ଅଧିକାରୀ ନିରଞ୍ଜନ ନାୟକଙ୍କୁ ଜବତ ଟଙ୍କା ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ବଲାଙ୍ଗୀ ବଜାର ସନ୍ନିକଟ ବଲାଙ୍ଗୀ ସରକାରୀ ନୋଡାଲ ହାଇସ୍କୁଲ ପାଖରେ ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ କୁମାର ସାହୁ ଓ ଯୁବ ବ୍ୟବସାୟୀ ରାଜୀବଲୋଚନ ପୃଷ୍ଟି ଟଙ୍କା ବାଣ୍ଟୁଥିଲେ। ଏହି ସମୟରେ ପୁରୁଣା ବଲାଙ୍ଗୀର ଦୁଃଶାସନ ବେହେରାଙ୍କୁ ପାଖକୁ ଡାକି ବିଜେଡିକୁ ଭୋଟ ଦେବାକୁ କହି ଗାଡିରୁ ଟଙ୍କା ଆଣିବାବେଳେ ତାହା ଖସି ପଡ଼ିଥିଲା। ଫଳରେ କେତେଜଣ ଭାଜପା କର୍ମୀ ଟଙ୍କା ଓ ଜଣଙ୍କୁ କାବୁ କରିବାକୁ ଉଦ୍ୟମ କରିବାବେଳେ ଗହଳିର ସୁଯୋଗ ନେଇ ୨ ଜଣ ଖସି ପଳାଇଥିଲେ। ଭାଜପା କର୍ମୀ ଟଙ୍କାକୁ ନେଇ ବଲାଙ୍ଗୀ ପୋଲିସକୁ ହସ୍ତାନ୍ତର କରିବା ପରେ ୨ ଲକ୍ଷ ୪୪ ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ଏନେଇ ଦୁଃଶାସନ ବେହେରା ବଲାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଲୁଚାଇ ଆଣିଲେ ସର୍ଜିକାଲ ବ୍ଲେଡ୍

**ଭୁବନେଶ୍ୱର,୨୯।୫(ସତ୍ୟଜିତ୍ ରାଉତ)**

ନାବାଳିକା ଝିଅଙ୍କୁ ବଳାତ୍କାର ପରେ ମୈତ୍ରୀବିହାର ଥାନା ଭିତରେ ଅଭିଯୁକ୍ତ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅଭିଯୁକ୍ତ ବାଦଲ ଦାସ ଏକ ସର୍ଜିକାଲ ବ୍ଲେଡ୍ ଦ୍ୱାରା ତାଙ୍କ ଗୁପ୍ତାଙ୍ଗ, ହାତ, ବେକ ଆଦି କାଟିଥିଲେ ବୋଲି ଜଣାପଡ଼ିଛି। କଟକ ଏସ୍‌ସିବିରେ ଗୁରୁତର ବାଦଲଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଗିରଫ ପରେ ବାଦଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରୁ ସେ ସର୍ଜିକାଲ୍ ବ୍ଲେଡ ଲୁଚାଇ ଆଣି ପରେ

**ନାବାଳିକାଙ୍କୁ ବଳାତ୍କାର: ଥାନାରେ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

ସେଥିରେ ନିଜ ଶରୀରର ବିଭିନ୍ନ ଅଙ୍ଗ କାଟିଥିଲେ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ବାଦଲ ରାଜ ମିସ୍ତ୍ରି ଭାବେ କାମ କରୁଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ସୋମବାର ରାତିରେ ତାଙ୍କର ୧୪ବର୍ଷୀୟା ଝିଅ ଘରେ ଶୋଇଥିବାବେଳେ ତାଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ସକାଳେ ବାଦଲ କାମରେ ଯିବା ପରେ ମା'ଙ୍କୁ ଝିଅ ବାପାଙ୍କ କୁକର୍ମ ବିଷୟରେ ଜଣାଇଥିଲେ। ମା'ଙ୍କ ସହାୟତାରେ ପୀଡ଼ିତା ନାବାଳିକାଙ୍କ ଏତଲାକ୍ରମେ ପୋଲିସ ମାମଲା ରୁଜୁ କରି ବାଦଲଙ୍କୁ ଗିରଫ କରିଥିଲା। ବାଦଲଙ୍କ ଏଭଳି ଘୃଣ୍ୟ କାମ ପାଇଁ ତାଙ୍କ ମୁହଁ ଆଉ ଦେଖିବେ ନାହିଁ ବୋଲି ସ୍ତ୍ରୀ ଓ ଝିଅ କହିବା ପରେ ସେ ଭାଙ୍ଗି ପଡ଼ି ଆତ୍ମହତ୍ୟା ପାଇଁ ଚରମ ନିଷ୍ପତ୍ତି ନେଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ସର୍ଜିକାଲ ବ୍ଲେଡ୍ ଲୁଚାଇ ଆଣିଥିଲେ। ଏପରିକି ଥାନାକୁ ଆସିବା ପରେ ବାଦଲଙ୍କୁ ଖାଇବାକୁ ଦିଆଯାଇଥିଲେ ସୁଦ୍ଧା ସେ ତାହାକୁ ଛୁଇଁ ନ ଥିଲେ। କିଛି ସମୟ ପରେ ପାଇଖାନାକୁ ଯିବାକୁ ବାହାନା କରି ବାଦଲ ଏହି କାଣ୍ଡ ଘଟାଇଥିଲେ।

# 'ନିର୍ବାଚନରେ ଅବ୍ୟବହୃତ ଇଭିଏମ୍‌କୁ ଜଗିବାକୁ ସେଣ୍ଟ୍ରାଲ ଫୋର୍ସ ମଗାଯାଉ'


ସିଇଓଙ୍କୁ ଅଭିଯୋଗ କରିବାକୁ ଯାଉଥିବା ଭାଜପା ପ୍ରତିନିଧି ଦଳ।

**ସିଇଓଙ୍କ ନିକଟରେ ଫେରାଦହେଲା ଭାଜପା ପ୍ରତିନିଧି ଦଳ**

**ଭୁବନେଶ୍ୱର,୨୯।୫(ସୁନିତ୍ ମିଶ୍ର)**

ଓଡ଼ିଶାରେ ୩ୟ ପର୍ଯ୍ୟାୟ ନିର୍ବାଚନ ସରିଛି। ନିର୍ବାଚନ ପରେ ଇଭିଏମ୍ ଓ ଭିଭିପିଏଟିଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ଏବେ ବିଭିନ୍ନ ଜିଲାରୁ ଆମକୁ ସୂଚନା ମିଳିଛି ଯେ, ଯେଉଁ ଇଭିଏମ୍‌ଗୁଡ଼ିକ ନିର୍ବାଚନ ସମୟରେ ବ୍ୟବହାର ହୋଇ ନ ଥିବା ଅଥବା ଅଚଳ ବୋଲି ନିର୍ବାଚନ ବେଳେ ଘୋଷଣା କରାଯାଇଥିଲା, ସେଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ଠାରୁ ଅଳ୍ପ ଦୂରରେ ରଖାଯାଇଛି। ଏହାର ସୁରକ୍ଷା ନେଇ ମନରେ ଆଶଙ୍କା ସୃଷ୍ଟି ହୋଇଛି। କାରଣ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର ଅନେକ ସ୍ଥାନରେ ହିସାଂକାଣ୍ଡ ଘଟିଛି। ବିଶେଷକରି ବିଜେଡି ଗୁଣ୍ଡାମାନେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଗୁଣ୍ଡାଗର୍ଦ୍ଦି କରିବାକୁ ପଛଘୁଞ୍ଚା ଦେଇନାହାନ୍ତି। କେଉଁଠି ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଛି ତ ଆଉ କେଉଁଠି ଏମ୍‌ପି ପ୍ରାର୍ଥୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏପରି ଅନେକ ହିଂସାକାଣ୍ଡ ବିଷୟରେ ସମସ୍ତେ ଅବଗତ ଅଛନ୍ତି। ମାତ୍ର ଶାସକ ଦଳ ହୋଇଥିବାରୁ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନୀରବଦ୍ରଷ୍ଟା ସାଜିଛି। ଏଭଳି ସ୍ଥିତିରେ ପୋଲିସର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ନିର୍ବାଚନରେ ଅଚଳ, ବଳକା ଘୋଷଣା କରାଯାଇଥିବା ଓ ବ୍ୟବହୃତ ହୋଇ ନ ଥିବା ଇଭିଏମ୍‌ଗୁଡିକର ସୁରକ୍ଷା ପାଇଁ ସେଣ୍ଟ୍ରାଲ ଫୋର୍ସ ନିୟୋଜିତ କରାଯାଉ। ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ସ୍ଥାନୀୟ ପୋଲିସ ବ୍ୟତୀତ ସେଣ୍ଟ୍ରାଲ ଫୋର୍ସକୁ ମଧ୍ୟ ଏହାର ତଦାରଖ ଦାୟିତ୍ୱ ଦିଆଯାଉ ବୋଲି ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଭାଜପା ପ୍ରତିନିଧି ଦଳ ଦାବି କରିଛି।

# ଓଡ଼ିଶା ଭାଜପା ୱାଶିଂ ମେଶିନରେ ସ୍ୱଚ୍ଛ ହେଉଛନ୍ତି ଗୁଣ୍ଡା, ଠକ, ଜବରଦଖଲକାରୀ: ବିଜେଡି

**ଭୁବନେଶ୍ୱର,୨୯।୫(ଅନିଲ ଦାସ)**

ଓଡ଼ିଶାରେ ଅନେକ ପ୍ରକାର ୱାଶିଂ ମେଶିନ ରହିଛି । କିନ୍ତୁ ଓଡ଼ିଶା ଭାଜପା ପାଖରେ ଯାହା ଅଛି ତାହା ବାସ୍ତବରେ ଅନନ୍ୟ । ସେମାନେ ଜଣେ ବିଜେଡି ନେତାଙ୍କ ବିରୋଧରେ ଆନ୍ଦୋଳନ କରିବେ, ତାଙ୍କୁ ଗୁଣ୍ଡା, ଜମି ଜବରଦଖଲକାରୀ, କଳାଧନ ଠୁଳକାରୀ ଓ ଚୋର କହିବେ । କିନ୍ତୁ ଏହି ବିଜେଡି ନେତା ଓଡ଼ିଶା ଭାଜପାକୁ ଯିବାମାତ୍ରେ ତାଙ୍କୁ ଫୁଲମାଳ ପକାଇ ସ୍ୱାଗତ କରିବା ସହ ଭାଜପାର ୱାଶିଂ ମେଶିନରେ ପକାଇ ସେ ସ୍ୱଚ୍ଛ ବୋଲି କହିବେ। ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର ଏଭଳି ଢଙ୍ଗରେ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି।

ସସ୍ମିତ କହିଛନ୍ତି, ପ୍ରଥମେ ବୈଜୟନ୍ତ ପଣ୍ଡା ଖୋର୍ଦ୍ଧା ସାରୁଅରେ ନିଜ କମ୍ପାନୀ ଜରିଆରେ ଗରିବ ଅନୁସୂଚିତ ଜାତି ଚାଷୀଙ୍କଠାରୁ ବେଆଇନ ଭାବେ ଜମି ହଡ଼ପ କରିଛନ୍ତି । ସେ ଏହା ଉପରେ ଏକ ବିରାଟ ଷ୍ଟୁଡିଓ ତିଆରି କରିଥିଲେ ଏବଂ ଆଜି ଏଥିରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। କିନ୍ତୁ ଗତ ୪ ବର୍ଷ ଧରି ଏହି ଗରିବ ଅନୁସୂଚିତ ଜାତିର ଲୋକମାନେ ଆନ୍ଦୋଳନ କରିବା ସତ୍ତ୍ୱେ ସେମାନଙ୍କୁ ଜମି ଫେରାଇବାକୁ ସେ ମନା କରିଦେଇଛନ୍ତି । ତାଙ୍କ ପାଖରେ ଶହ ଶହ ଏକର ଜମି ଅଛି ଏବଂ ସେ ସେମାନଙ୍କ ଜମି ଫେରାଇ ପାରିବେ । କିନ୍ତୁ ସେ କରିବେ ନାହିଁ । କାରଣ ଗରିବ ଅନୁସୂଚିତ ଜାତିର ଲୋକମାନେ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି, ତାଙ୍କ ଷ୍ଟୁଡିଓ ଦ୍ୱାରା କରାଯାଇଥିବା କୋଟି କୋଟି ଟଙ୍କା ଗୁରୁତ୍ୱପୂର୍ଣ୍ଣ । ସେ ଓଡ଼ିଶା ଭାଜପାର ପୋଷ୍ଟର ବଏ, ଗରିବ ଓ ଅବହେଳିତ ଲୋକଙ୍କ ଉନ୍ନତି କଥା କହୁଛନ୍ତି । ବୈଜୟନ୍ତ ପଣ୍ଡାଙ୍କୁ ଦଳରୁ ହଟାଇ ଦେଇଥିଲା ବିଜେଡି । କିନ୍ତୁ ଭାଜପା ତାଙ୍କୁ ଦଳରେ ସାମିଲ କରିଛି ଓ ଟିକେଟ ଦେଇଛି । ବୈଜୟନ୍ତ ପଣ୍ଡା ଆଜିକାଲି ବିଜୁଳି କଥା କହୁଛନ୍ତି । କିନ୍ତୁ ଓଡ଼ିଶାବାସୀ ଜାଣନ୍ତି ନାହିଁ ଯେ ତାଙ୍କ କମ୍ପାନୀ ଓଡ଼ିଶାକୁ ୪୮୦ କୋଟି ଟଙ୍କା ବିଜୁଳି ବକେୟା ଦେବା କଥା, କିନ୍ତୁ ସେ ମନା କରି ଦେଇଥିଲେ । ଏପରିକି ଟଙ୍କା ନ ଦେବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହଜାର ହଜାର କୋଟି ଟଙ୍କାର ବ୍ୟକ୍ତି ନିଜ କମ୍ପାନୀର ୪୮୦ କୋଟି ଟଙ୍କାର ବିଜୁଳି ବକେୟା ଓଡ଼ିଶାବାସୀଙ୍କୁ ଦେବାକୁ ମନା କରି ଦେଇଛନ୍ତି । କିନ୍ତୁ ଆଜି ସେ ଓଡ଼ିଶାବାସୀଙ୍କ ଆଗରେ ଶସ୍ତା ବିଜୁଳି କଥା କହୁଛନ୍ତି । ଭାରତର ୧୦ଟି ବ୍ୟାଙ୍କ ଏକାଥରକେ ତାଙ୍କ କମ୍ପାନୀକୁ ୨,୩୦୦ କୋଟି ଟଙ୍କାର ଋଣ ଛାଡ଼ କରିଛନ୍ତି। ଯଦି ସେ ସେହି ୨,୩୦୦ କୋଟି ଟଙ୍କା ବ୍ୟାଙ୍କକୁ ଦେଇଥାନ୍ତେ, ତେବେ ଆଜି ଯୁବବର୍ଗଙ୍କ ପାଇଁ ଆଉ କେତେ ପୁଞ୍ଜିନିବେଶ, ଶିଳ୍ପ, ଚାକିରି ହୋଇଥାନ୍ତା ବୋଲି ସସ୍ମିତ କହିଛନ୍ତି । ପ୍ରଶାନ୍ତ ଜଗଦେବ ଭାଜପା କର୍ମୀଙ୍କ ଉପରକୁ କାର୍ ଚଢ଼ାଇବା ସହିତ ବାଲୁଗାଁ ନଗର ସଭାପତିଙ୍କୁ ମାଡ଼ ମାରିବା ପରେ ଓଡ଼ିଶା ଭାଜପାର ୱାଶିଂ ମେଶିନ୍‌ରେ ନୂଆ ଗୁଣ୍ଡା ପୋଷ୍ଟର ବଏ ପାଲଟି ଯାଇଛନ୍ତି, ଯାହାକୁ ଓଡ଼ିଶା ଭାଜପା ନେତାମାନେ ପୋଲିଂ ବୁଥ୍ ଭିତରେ ସେ କରିଥିବା ହିଂସାକୁ ସୁରକ୍ଷା ଦେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାରେ ବ୍ୟସ୍ତ ଅଛନ୍ତି । ଓଡ଼ିଶା ଭାଜପାର ୱାଶିଂ ମେଶିନରେ ସଫା ହୋଇଥିବା ଆଉ ଜଣେ ରାଜନେତା ହେଉଛନ୍ତି ପ୍ରଦୀପ ପାଣିଗ୍ରାହୀ । ନିରୀହ ଯୁବକଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଠକିବା ଅଭିଯୋଗରେ ଜେଲରେ ରହିଥିଲେ । ତାଙ୍କୁ ଫୁଲମାଳ ପକାଇ ଦଳୀୟ ଟିକେଟ ଦିଆଯାଇଛି। ଏବେ ସେ ଓଡ଼ିଶା ଭାଜପା ପାଇଁ ଠକେଇର ପୋଷ୍ଟର ବଏ । ସେହି ଓଡ଼ିଶା ଭାଜପା ନେତାମାନେ ତାଙ୍କୁ ଚିଟ୍‌ଫଣ୍ଡ ଚୋର ବୋଲି କହୁଥିଲେ ଏବଂ ଆଜି ସେ ସେମାନଙ୍କ ପୋଷ୍ଟର ବଏ ପାଲଟି ଯାଇଛନ୍ତି। ଏହା ହେଉଛି ଓଡ଼ିଶା ଭାଜପାର ଅସଲ ଚେହେରା ବୋଲି ସସ୍ମିତ କହିଛନ୍ତି ।



ବିସ୍ଫୋରଣ ଯୋଗୁ ଗଚ୍ଛିତ ରହିଥିବା ବାଣ ଫୁଟି ବିକ୍ଷିପ୍ତ ଭାବେ ପଡ଼ିରହିଛି।



ଜଣେ ଆହତଙ୍କୁ ଷ୍ଟ୍ରେଚରରେ ଚିକିତ୍ସା ପାଇଁ ନିଆଯାଉଛି।



ପୁରୀ ହସ୍ପିଟାଲ ପରିସରରେ ଆହତଙ୍କ ସମ୍ପର୍କୀୟଙ୍କ କାନ୍ଦବୋବାଳି ।

**ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା**



ପୁରୀ ହସ୍ପିଟାଲ ପରିସରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।



କଟକ ଏସ୍‌ସିବି ହସ୍ପିଟାଲରେ ପହଞ୍ଚିଥିବା ଜଣେ ଆହତଙ୍କୁ ନିଆଯାଉଛି।




କଟକ ଏସ୍‌ସିବିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ ୨୯।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )



କୃତୀ ଛାତ୍ରୀ ବର୍ଷା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ନୋଡାଲ୍ ଉଚ୍ଚବିଦ୍ୟାଳୟର ଛାତ୍ରୀ ବର୍ଷା ନାୟକ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ୫୪୦ ନମ୍ବର ରଖି ସ୍କୁଲରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ତାଙ୍କ ବାସଗୃହ ଅରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଯୁବପରିଷଦ ପକ୍ଷରୁ ବର୍ଷାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଛି। ମୁଖ୍ୟ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦାନ କରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲ, ଅଧ୍ୟାପିକା ମମତା ଜେନା, ଯୁବ ସାମାଜିକ କର୍ମୀ ସୁବ୍ରତ ନାୟକ, ଛାତ୍ରୀଙ୍କ ପିତା ପ୍ରଭାକର ନାୟକ ଏବଂ ମା' ସୁକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତଦେହ ଜବତ

ତିଗିରିଆ,୨୯।୫(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତର ଭାଗବତ ମୁଣ୍ଡିଆ ସଂରକ୍ଷିତ ଗ୍ରାମ୍ୟ କାଜୁ ଗଛରୁ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତଦେହକୁ ବୁଧବାର ପୋଲିସ ଜବତକରି ଅପମୃତ୍ୟୁ ମାମଲା ରୁଜୁ କରିଛି। ଖବର ଅନୁଯାୟୀ, ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ସନାତନ ପ୍ରଧାନଙ୍କ ପୁଅ କିଶୋର (୩୯) ମୃତଦେହ ଝୁଲନ୍ତା ଅବସ୍ଥାରେ ଜଙ୍ଗଲର ଏକ କାଜୁ ଗଛରେ ରଶି ଲଗାଇ ଝୁଲିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ

## ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଉକ୍ତ ଲୋକ ବାସୁଦେବପୁରର ବୋଲି ଜାଣି ଘର ଲୋକଙ୍କୁ ଖବର ଦେଇଥିଲେ। ଘର ଲୋକ ଓ ତିଗିରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ଏ ନେଇ ମୃତ କିଶୋରଙ୍କ ଭାଇ ପ୍ରତାପ ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଆଇଆଇସି ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ମୃତକ କିଶୋର ଅନ୍‌ଲାଇନ ଜୁଆ ଖେଳି ଲକ୍ଷାଧିକ ଟଙ୍କା ହାରିଯିବାରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି। ଅପରପକ୍ଷେ କିଶୋରଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ଭାଇ କହିଛନ୍ତି। କିଶୋର ଝୁଲିଥିବା ଗଛ ପାଖରୁ ତାଙ୍କ ସ୍କୁଟି ଓ ମୋବାଇଲକୁ ପୋଲିସ ଜବତ କରିଛି। ମୋବାଇଲରୁ ସମସ୍ତ କଲ ଡାଟାକୁ ଡିଲିଟ କରାଯାଇଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହରେ ରହିଛି। କିଶୋରଙ୍କ ସ୍ତ୍ରୀ, ପୁଅ, ଝିଅ ଅଛନ୍ତି।

# ହୋଟେଲ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ହୋଟେଲ ବ୍ୟାରେକ ଭିତରକୁ ନ ଛାଡିବାରୁ ଜଣେ ଯୁବକ ସୁରକ୍ଷାକର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଅଭିଯୋଗ ପରେ ମୈତ୍ରୀବିହାର ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲିଆଲିସାହିରେ ରହୁଥିବା କଟକର ସରୋଜ କୁମାର ସାହୁ। ଚନ୍ଦ୍ରକାନ୍ତ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାନୁସାରେ, ଚନ୍ଦ୍ରକାନ୍ତ ଭୁବନେଶ୍ୱରରସ୍ଥିତ ହୋଟେଲ ମେ' ଫେୟାରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରିବା ସହ ହୋଟେଲ ବ୍ୟାରେକରେ ରୁହନ୍ତି। ମଙ୍ଗଳବାର ସକାଳେ ସେ ତାଙ୍କ ବ୍ୟାରେକରେ ଉପସ୍ଥିତ ଥିବାବେଳେ ଅଭିଯୁକ୍ତ ସରୋଜ ତାଙ୍କର କେତେଜଣ ସହଯୋଗୀଙ୍କ ସହିତ ବ୍ୟାରେକ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଚନ୍ଦ୍ରକାନ୍ତ ସେମାନଙ୍କୁ ବିରୋଧ କରିବା ସହ ଭିତରକୁ ଯିବାକୁ ଦେଇ ନ ଥିଲେ। ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ରାଗିଯାଇ ଚନ୍ଦ୍ରକାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ବାଡ଼ି ଓ କାଠ ଫାଳିଆରେ ଆକ୍ରମଣ କରିଥିଲେ।

# ନିଶାସକ୍ତ ଚାଳକ ଗିରଫ, ଜେଲ ଗଲେ



## ଯାଞ୍ଚବେଳେ ପୋଲିସ ଟିମ୍ ଉପରେ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୯।୫ (ସତ୍ୟଜିତ ରାଉତ)

ଯାଞ୍ଚ ବେଳେ ପୋଲିସ ଟିମ୍ ଉପରକୁ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲସ୍ ସମ୍ପୃକ୍ତ ଚାଳକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଅନୁଗୋଳର ସୋମନାଥ ପାତ୍ର(୨୨)। ସେ ଚଳାଉଥିବା ସ୍କର୍ପିଓକୁ ମଧ୍ୟ ପୋଲିସ ଜବତ କରିଛି। ବୁଧବାର କୋର୍ଟଚାଲାଣ କରାଯିବା ପରେ ସୋମନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ମଙ୍ଗଳବାର ରାତିରେ ଟ୍ରାଫିକ ଥାନା-୨ର ପୋଲିସ ଟିମ୍ ଓମଫେଡ୍ ଛକରେ ଗାଡି ଯାଞ୍ଚ କରୁଥିଲେ। ରାତି ପ୍ରାୟ ୧ଟା ୨୦ରେ ସୋମନାଥ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବରେ ଗାଡି ଚଳାଇ ଡମଣା ଛକ ପାର୍ଶ୍ୱରୁ ନାଲକୋ ଛକ ଆଡକୁ ଆସୁଥିଲେ। ଏହି ସମୟରେ ପୋଲିସ ଟିମ୍ ତାଙ୍କ ଗାଡି ଅଟକାଇବାକୁ ସିଗ୍‌ନାଲ ଦେଇଥିଲେ। ହେଲେ ସୋମନାଥ ପୋଲିସ ଟିମ୍‌କୁ ଦେଖି ତାଙ୍କ କାରକୁ ଦ୍ରୁତଗତିରେ ଚଳାଇ ପୋଲିସ ଟିମ୍ ଉପରକୁ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଟିମ ସୌଭାଗ୍ୟବଶତଃ କୌଶଳକ୍ରମେ ନିଜକୁ ରକ୍ଷା କରିଦେଇଥିଲେ। ସେପଟେ ସୋମନାଥ ବ୍ୟାରିକେଡ୍‌କୁ ଭାଙ୍ଗି କାର୍ ନେଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାମନ୍ତରାପୁର ଛକ ନିକଟରୁ ସୋମନାଥଙ୍କୁ କାବୁ କରିଥିଲା। ଏନେଇ ମାମଲା (ନଂ.୪୫୪/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ୩ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ମୋହନ କୁମାର

ଭୁବନେଶ୍ୱର,୨୯।୫(ସତ୍ୟଜିତ୍ ରାଉତ)

## ୫୦ କୋଟି ଠକେଇ ମାମଲା

ମିଛ ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ୨ ହଜାର ଲୋକଙ୍କଠାରୁ ୫୦ କୋଟି ଟଙ୍କା ଠକିବା ମାମଲାରେ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ମଙ୍ଗଳବାର ଗିରଫ ହୋଇ ଜେଲ ଯାଇଥିବା ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ପରିଡାଙ୍କୁ ଇଓଡବ୍ଲ୍ୟୁ ବୁଧବାର ୩ ଦିନ ପାଇଁ ରିମାଣ୍ଡରେ ଆଣିଛି। ତାଙ୍କୁ ଇଓଡବ୍ଲ୍ୟୁର ଏକ ସ୍ୱତନ୍ତ୍ର ଟିମ୍ ପଚରାଉଚରା କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ରିମାଣ୍ଡ ଅବଧି ଥିବାବେଳେ ଏହି ସମୟରେ ଇଓଡବ୍ଲ୍ୟୁ ତାଙ୍କଠାରୁ ଠକେଇ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଯୋଜନା କରିଛି। ଅନ୍ୟପକ୍ଷରେ ସ୍ତ୍ରୀ ପୁଷ୍ପଲତା ବେହୁରାଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଚଳାଇଛି। ତେବେ ଠକେଇ ଟଙ୍କା ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବାରୁ ସେସବୁ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରୁଛି ଇଓଡବ୍ଲ୍ୟୁ। ଏଥିସହ ଉକ୍ତ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ପ୍ରୟାସ ଆରମ୍ଭ କରିଛି ତଦନ୍ତକାରୀ ସଂସ୍ଥା।

ସୂଚନାଯୋଗ୍ୟ, ଭଦ୍ରକ ଚାନ୍ଦବାଲି ଅଞ୍ଚଳର ମୋହନ ତାଙ୍କ ସ୍ତ୍ରୀଙ୍କ ସହ ମିଶି ୨୦୨୦ରୁ ୨୦୨୩ ମଧ୍ୟରେ ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ କମ୍ପାନୀ ଖୋଲି ବିଭିନ୍ନ ସ୍କିମ୍ ନାଁରେ ଠକେଇ ଜାଲ ବିଛାଇଥିଲେ। ପ୍ରତି ମାସରେ ୨୬ ପ୍ରତିଶତ ଲାଭ ଓ ୩ ମାସ ଧରି ଏଭଳି ଲାଭ ମିଳିବ ବୋଲି ଲୋକଙ୍କୁ କହୁଥିଲେ। ଏଥିସହ ନୂଆ ସଦସ୍ୟଙ୍କୁ ଯୋଡ଼ିଲେ ୨ ପ୍ରତିଶତ ବୋନସ୍ ମିଳିବାର ଲୋଭ ଦେଖାଇ ନିବେଶକଙ୍କଠାରୁ ୫୦କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ। ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲୋଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମେ' ୧୬ରେ ଏ ସଂକ୍ରାନ୍ତରେ ମାମଲା (ନଂ.୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମହିଳାଙ୍କ ଘରୁ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ରାତରେ ଜଣେ ମହିଳାଙ୍କ ଘରେ ପଶି ଟଙ୍କା, ମୋବାଇଲ ଚୋରି କରିଥିବା ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଥାନା ଅଞ୍ଚଳର ଶିବ ଦାସ। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ଉକ୍ତ ମୋବାଇଲକୁ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ଭରତପୁର ଶିବ ମନ୍ଦିର ନିକଟରେ ପୋଲିସ ତାଙ୍କୁ କାବୁ କରିଥିଲା। ଏହି ଘଟଣାରେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି।

# ବାଙ୍କୀ : ଭୋଟ କାଉଣ୍ଟିଂ ପାଇଁ ପ୍ରଶିକ୍ଷଣ ଶିବିର

ବାଙ୍କୀ, ୨୯।୫( ସତ୍ୟରଞ୍ଜନ ସାହୁ)

ବାଙ୍କୀ ନିର୍ବାଚନମଣ୍ଡଳୀରେ ଭୋଟ ଗଣତି ପାଇଁ ବୁଧବାର ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଭୋଟ କାଉଣ୍ଟିଂ ପ୍ରକ୍ରିୟାରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ ରିଜର୍ଭ ଷ୍ଟାଫଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାଉଣ୍ଟିଂ ପ୍ରକ୍ରିୟାରେ ନିୟୋଜିତ ହେବାକୁ ଥିବା ଅଧିକାରୀମାନଙ୍କର ଗୁରୁଦାୟିତ୍ୱକୁ ନଜରରେ ରଖି ସେମାନେ ଯେପରି ଉକ୍ତ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ, ସେଥି ନିମନ୍ତେ ଶିବିରର ଆୟୋଜନ ହୋଇଥିଲା। ଜୁନ ୪ ତାରିଖରେ ଭୋଟ କାଉଣ୍ଟିଂ ପ୍ରକ୍ରିୟା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ବାଙ୍କୀ ନିର୍ବାଚନମଣ୍ଡଳୀରେ ସର୍ବମୋଟ ୧,୬୬,୫୯୦ ଜଣ ମତଦାତା ନିଜର ମତଦାନ ସାବ୍ୟସ୍ତ କରିବା ସହିତ ନିର୍ବାଚନମଣ୍ଡଳୀରେ ୭୬.୦୯ ପ୍ରତିଶତ ମତଦାନ ହୋଇଥିବାର ସୂଚନା ମିଳିଛି। ଶିବିରରେ ଡମପଡା ବିଡିଓ ଅଂଶୁମାନ ଦାସ, ତହସିଲଦାର ଶୁଚିସ୍ମିତା ଦାସ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁକ୍ତ ୨ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ନରସିଂହପୁର,୨୯।୫ (ନିରଞ୍ଜନ ଦେବକୁମାର)

ନରସିଂହପୁର କଲେଜ ରୋଡ୍‌ସ୍ଥିତ ଘରୋଇ କୋଚିଂ ସେଣ୍ଟର ପି ସି ୱାର୍ଲଡ଼ ପକ୍ଷରୁ ଚଳିତବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ, ଧନ୍ଦାମୂଳକ ପରୀକ୍ଷାରେ ସଫଳତାର ସହ ପାସ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅନୁଷ୍ଠାନର ଛାତ୍ରୀ ସସ୍ମିତା ନନ୍ଦ ୫୪୨ ନମ୍ବର ରଖି ବଡମ୍ବା-ନରସିଂହପୁରର ଉଭୟ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ମୃତିମୟୀ ଦାସ ୫୨୯ ଓ ପ୍ରୀତିଶ୍ରୀ ଦାସ ୫୨୮ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ୯୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ଛାତ୍ରୀଛାତ୍ର ୮୫ ପରସେଣ୍ଟରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଆଶାନୁରୂପ ସଫଳତା ପାଇଛନ୍ତି। ପି ସି ୱାର୍ଲଡ଼ ଅଧ୍ୟକ୍ଷ ରଶ୍ମିରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ନିଜର ସଫଳତା ପାଇଁ ମା'ବାପା, ଗୁରୁଜନ, ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶ୍ରେୟ ଜଣାଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ।

# ହାତୀ ଉପରେ ବିଜେହୋଇ ଚାପ ଖେଳିବାକୁ ଗଲେ ଠାକୁର



ମଦନମୋହନ ହାତୀ ଉପରେ ବିଜେ କରିଛନ୍ତି।



ହାତ ତିଆରି ବହୁରୂପୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

ତିଗିରିଆ,୨୯।୫(ଜାଫର ଖାଁ)

## ନୂଆପାଟଣାରେ ମଦନମୋହନଙ୍କ ଚନ୍ଦନ ଯାତ୍ରା

■ ୩ ଦିନ ଧରି ଯାତ୍ରା ହେବ

ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାର ଆରାଧ୍ୟ ପ୍ରଭୁ ମଦନମୋହନଙ୍କ ଚନ୍ଦନଯାତ୍ରା ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ନୂଆପାଟଣା ଗ୍ରାମ ଆଲୋକମାଳାରେ ଝଲସୁଛି। ସନ୍ଧ୍ୟାରେ ମଦନମୋହନଙ୍କୁ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ପରେ ହାତ ତିଆରି ହାତୀ ଉପରେ ବିଜେ କରି ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଗ୍ରାମ ପରିକ୍ରମା ସମୟରେ ଓଡ଼ିଶୀ ସଂକୀର୍ତ୍ତନ ଦଳଙ୍କ ପକ୍ଷରୁ ସଂକୀର୍ତ୍ତନ ପରିବେଶଣ କରାଯାଇଥିଲା। ମଦନମୋହନ ହାତ ତିଆରି ବହୁରୂପୀ ଘୋଡା, ବାଘ, ହରିଣ, ସିଂହ ମୂର୍ତ୍ତି ଗହଣରେ ଯାଇ ଚନ୍ଦନ ପୋଖରୀରେ ଚାପ ଖେଳିଥିଲେ। ନୂଆପାଟଣା ଗ୍ରାମର ୨୫ଟି ସାହି ମଧ୍ୟରୁ ୧୮ ଟି ସାହିରେ ମେଢ଼ ମଣ୍ଡପରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଇଛି। ଯାତ୍ରାରେ ଗ୍ରାମର ସମସ୍ତ ସାହି କମିଟି ସହଯୋଗ କରୁଛନ୍ତି। ନୂଆପାଟଣାରେ ମଦନମୋହନଙ୍କ ଚନ୍ଦନ ଯାତ୍ରାର ନୂଆପାଟଣା ନଳିକାନୀ ସାହି ପକ୍ଷରୁ କୃଷ୍ଣଲୀଳା, କାଳୀୟ ଦଳନ ମଞ୍ଚସ୍ଥ କଳାକାରମାନେ ନୟାଗଡ଼ ଦେଉଳିରୁ ଆସିଥିଲେ। ଯାତ୍ରାରେ ମଦନମୋହନଙ୍କ ମାର୍ଫତ ସଚ୍ଚିଦାନନ୍ଦ ଦାସ, ନୂଆପାଟଣା ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ଦତ୍ତ, ସମ୍ପାଦକ ବିଦ୍ୟାଧର ଗୁଇଁ, ସରପଞ୍ଚ ସୋମନାଥ ଦାସ, ସମିତି ସଭ୍ୟ ମାନସ ସାହୁ, ପ୍ରକାଶ ଦାସ, ପ୍ରଦୀପ ବର୍ଦ୍ଧନ, ମହେନ୍ଦ୍ର କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଯାତ୍ରା ୩ ଦିନ ୭ ଟି ସାହି ପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ ହେବ ବୋଲି ସଭାପତି ପ୍ରକାଶ କରିଛନ୍ତି।

## ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା


ବିସ୍ଫୋରଣ ଯୋଗୁ ଗଚ୍ଛିତ ରହିଥିବା ବାଣ ଫୁଟି ବିକ୍ଷିପ୍ତ ଭାବେ ପଡ଼ିରହିଛି।


ଜଣେ ଆହତଙ୍କୁ ଷ୍ଟ୍ରେଚରରେ ଚିକିତ୍ସା ପାଇଁ ନିଆଯାଉଛି।


ପୁରୀ ହସ୍ପିଟାଲ ପରିସରରେ ଆହତଙ୍କ ସମ୍ପର୍କୀୟଙ୍କ କାନ୍ଦବୋବାଳି ।


ପୁରୀ ହସ୍ପିଟାଲ ପରିସରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।


କଟକ ଏସ୍‌ସିବି ହସ୍ପିଟାଲରେ ପହଞ୍ଚିଥିବା ଜଣେ ଆହତଙ୍କୁ ନିଆଯାଉଛି।



କଟକ ଏସ୍‌ସିବିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ସୋରଣରେ ଶହୀଦ ଦିବସ ପାଳିତ

**ଟାଙ୍ଗୀ,୨୯।୫ (ରଘୁନାଥ ସାହୁ):** ପୋଲିସ ଗୁଳିରେ ଶହୀଦ ହୋଇଥିବା ବ୍ୟକ୍ତିମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଛି। ସୋରଣ ଘୋଡାଦୌଡଠାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଉପସଭାପତି ବିଜୟ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତପନ ବେହେରା, ଭରତ ବେହେରା, ପଦ୍ମ ଲୋଚନ ବେହେରା, ବନମାଳୀ ବାଳା, ଯୋଗି ବାଳା, ପୂର୍ଣ୍ଣ ମଣ୍ଡଳ, ବିରଞ୍ଚି ବେହେରା, ଦଣ୍ଡପାଣି ବେହେରା, ସୁରଥ ବେହେରା, ଗଜେନ୍ଦ୍ର ବେହେରା, ଉପଦେଷ୍ଟା କେଦାରନାଥ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଗ୍ୟାସ୍ ଟାଙ୍କି ଲିକେଜ୍: ମହିଳାଙ୍କ ଉପସ୍ଥିତବୁଦ୍ଧି ଯୋଗୁ ଟଳିଲା ଅଘଟଣ

**ନିରାକାରପୁର,୨୯।୫(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ମଞ୍ଜାରିଆ ପାଟଣା ଅଞ୍ଚଳର ଜଣେ ମହିଳାଙ୍କ ଉପସ୍ଥିତବୁଦ୍ଧି ଯୋଗୁ ବୁଧବାର ଏକ ବଡ଼ ଅଘଟଣ ଟଳିଯାଇଛି। ଗ୍ରାମର କଲ୍ୟାଣୀ ପ୍ରଧାନଙ୍କ ଗ୍ୟାସ୍ ସରିଯାଇଥିବାରୁ ସେ ଏକ ଟାଙ୍କି ମଗାଇଥିଲେ। ଗ୍ୟାସ ଟାଙ୍କିଟି ଆସିବା ପରେ କଲ୍ୟାଣୀ ଫିଟିଂ କରି ରୋଷେଇ କରିବାକୁ ଗ୍ୟାସ ଚୁଲାରେ ନିଆଁ ସଂଯୋଗ କରିଥିଲେ। ତେବେ କୌଣସି କାରଣରୁ ଗ୍ୟାସ ଚୁଲା ଜଳିବା ପରିବର୍ତ୍ତେ ଟାଙ୍କିଟି ଜଳିବା ଆରମ୍ଭ ହୋଇଥିଲା। ଏହା ଦେଖି ପରିବାର ଓ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ତେବେ କଲ୍ୟାଣୀ ଭୟଭୀତ ନ ହୋଇ ସଙ୍ଗେସଙ୍ଗେ କମ୍ବଳ ଓ ଅଖାକୁ ଓଦାକରି ଜଳୁଥିବା ଟାଙ୍କିରେ ପକାଇଥିଲେ। ଏହା ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ତଦାରଖ କରିଥିଲେ।

# ସରକାରୀ ଜମିରୁ ମୋରମ ଚାଲାଣ ନେଇ ଉତ୍ତେଜନା

**ଯାଁଳା,୨୯।୫(ବୁଲା ବାରିକ)**

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ମଙ୍ଗଳବାର ରାତିରେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ପାଟଣା ସାହି ଶ୍ମଶାନ ନିକଟ ସରକାରୀ ଜମିରୁ ମୋରମ ବେଆଇନଭାବେ ଚାଲାଣ ନେଇ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଗ୍ରାମବାସୀ ଏକାଠି ହୋଇ ଘଟଣାସ୍ଥଳରୁ ଜେସିବି ଓ ଟ୍ରକ୍‌କୁ ଜବତ କରି ଇନ୍‌ଫୋଭ୍ୟାଲି ପୋଲିସ ଜିମା ଦେଇଛନ୍ତି।

ସୂଚନା ମୁତାବକ, ଉତ୍ତର ମୁଣ୍ଡମୁହାଣ ପାଟଣାସାହି ଶ୍ମଶାନ ନିକଟରେ ଏକ ସରକାରୀ ଜମିରୁ କିଛିଦିନ ହେବ ମାଫିଆମାନେ ଜେସିବି ମାଧ୍ୟମରେ ମୋରମ ଖନନ କରିବା ସହ ବିକ୍ରି କରୁଛନ୍ତି। ଏହାକୁ ନେଇ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ହେଲେ ମାଫିଆମାନେ ଗ୍ରାମବାସୀଙ୍କୁ ଧମକ ଦେଇଥିଲେ। ମଙ୍ଗଳବାର ରାତିରେ




ମୋରମ ଖନନ ସମୟରେ କେତେଜଣ ଗ୍ରାମବାସୀ ଏକାଠି ହୋଇ ସେଠାରେ ପହଞ୍ଚି ବିରୋଧ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ଗ୍ରାମବାସୀ ଜେସିବି ଓ ଟ୍ରକ୍‌କୁ ଅଟକ ରଖି ପୋଲିସ କଣ୍ଟ୍ରୋଲରୁମକୁ ଜଣାଇଥିଲେ। ଇନ୍‌ଫୋଭ୍ୟାଲି ଥାନା ପିସିଆରଭ୍ୟାନ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକେ ଉକ୍ତ ଜେସିବି, ଟ୍ରକ୍ ଓ ୨ ଚାଳକଙ୍କୁ ପୋଲିସ ଜିମା ଦେଇଥିଲେ।

### ଟ୍ରକ୍, ଜେସିବି ଜବତ କରି ପୋଲିସ ଜିମାଦେଲେ

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ସରକାରୀ ଜମିରେ ମୋରମ ଖୋଳିବା ଦ୍ୱାରା ସେଠାରେ ପ୍ରାୟ ୨୦ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗୋରୁ ଚରିବା ସମୟରେ ଖାଲରେ ପଡି ମୃତ୍ୟୁବରଣ କରିବା ଆଶଙ୍କା ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେହି ଗ୍ରାମର କେତେଜଣ ବ୍ୟକ୍ତି କହିଛନ୍ତି, ଶ୍ମଶାନ ନିକଟରେ ଏକ ପୋଖରୀର ଆବଶ୍ୟକତା ରହିଛି। ତେଣୁ ଏଠାରେ ପୋଖରୀ ପାଇଁ ଏହି ସ୍ଥାନ ଖୋଳାଯାଉଛି। ବୁଧବାର ଏନେଇ ଇନ୍‌ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନା ଅଧିକାରୀ, ଯାଁଳା ସରପଞ୍ଚ ଏବଂ ସ୍ଥାନୀୟ ଭଦ୍ର ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ଦୁଇ ଗାଡି ଚାଳକଙ୍କୁ ଛାଡି ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତି ସ୍ୱାଭାବିକ ଥିବା ଇନ୍‌ଫୋଭ୍ୟାଲି ଥାନା ପକ୍ଷରୁ କୁହାଯାଇଛି।

# ହଟ୍ଟକେଶ୍ୱରଙ୍କ ଉକ୍ଳେ ଭଉଁରି ଯାତ୍ରା ବୈଠକ

**ଖୋର୍ଦ୍ଧା,୨୯।୫(ପ୍ରଭାତ ପାଣିଗ୍ରାହୀ)**

ବାଘମାରୀ ନିକଟ ଅଗ୍ରିରେ ରହିଛି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠ। ପବିତ୍ର ଅକ୍ଷୟତୃତୀୟାଠାରୁ ୨୧ଦିନ ବ୍ୟାପୀ ଚାଲିଥିବା ଠାକୁରଙ୍କ ଚନ୍ଦନଯାତ୍ରା ଗୁରୁବାର ଉକ୍ଳେ ଭଉଁରିରେ ସମାପନ ହେବ। ଏନେଇ ବୁଧବାର ହଟ୍ଟକେଶ୍ୱର ସେବାୟତ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନର ନୀତିକାନ୍ତି ଚୂଡ଼ାନ୍ତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଭଉଁରି ଲାଗି ପ୍ରସ୍ତୁତି ଆରମ୍ଭ ହେବ। ଅପରାହ୍ନ ୪ଟାରେ ବିଜେ କାହାଳି ବାଜିବା ପରେ ଠାକୁରଙ୍କ ମହାକାଳବେଶ ନୀତି ସମ୍ପନ୍ନ ହେବ। ପରେ ଠାକୁର ସୁସଜ୍ଜିତ ବିମାନରେ ବିଜେ କରି ଚନ୍ଦନ ପୋଖରୀରେ ଚାପ ଖେଳିବାକୁ ପ୍ରସ୍ଥାନ କରିବେ। ଠାକୁରଙ୍କ ଭଉଁରି ଦର୍ଶନ ପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯିବ। ହଟ୍ଟକେଶ୍ୱର ସେବାୟତ ସଂଘ ସଭାପତି ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ମହାପାତ୍ର, ରଞ୍ଜନ ମହାପାତ୍ର, ହଟ୍ଟନାଥ ମହାପାତ୍ର, ଦିଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଅକ୍ଷୟତୃତୀୟାଠାରୁ ମନ୍ଦିର ପରିସର ଚନ୍ଦନ ପୋଖରୀରେ ଠାକୁରଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ବିମାନ ବିଜେ ହୋଇ ଘଣ୍ଟ, କାହାଳୀ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରରେ ବିରାଟ ପଟୁଆରରେ ଚନ୍ଦନ ପୋଖରୀରେ ପହଞ୍ଚି ନୌକାରେ ବିଜେ ପରେ ୩ ଘେରା ନୌକାବିହାର କରନ୍ତି। ଚନ୍ଦନ ଚକଡ଼ାରେ ମନ୍ଦିର ପକ୍ଷରୁ ପଙ୍‌କ୍ତି ଭୋଗ ଅର୍ପଣ କରାଯାଏ। ପରେ ଶ୍ରଦ୍ଧାଳୁମାନେ ଆମ୍ବ, କଦଳୀ, ପିଜୁଳି ଆଦି ବିଭିନ୍ନ ଫଳ ଠାକୁରଙ୍କୁ ନୈବେଦ୍ୟ ଅର୍ପଣ କରିଥାନ୍ତି। ବନ୍ଦାପନା ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପରେ ମନ୍ଦିରରେ ଅନ୍ୟାନ୍ୟ ନୀତି ହେବା ପରେ ଠାକୁରଙ୍କ ରାତ୍ରି ପହୁଡ଼ ହୋଇଥାଏ। ପୀଠର ଐତିହ୍ୟ ସମ୍ପର୍କରେ ସେବାୟତ ଦିଲୀପ ପଣ୍ଡା କହିଛନ୍ତି, ଏହା ଏକ ପ୍ରାଚୀନ ଶୈବପୀଠ। ମନ୍ଦିର ନିର୍ମାଣଶୈଳୀ ଏହାର ପ୍ରାଚୀନତା ପରିଚୟ ଦିଏ। ଏଠାରେ ଏଗାରଟି ଲିଙ୍ଗ ପୂଜା ପାଉଛନ୍ତି। ଏଣୁ ଏହାଙ୍କୁ ଏକାଦଶ ରୁଦ୍ର ବୋଲି କୁହାଯାଏ।

# ‘ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗରୁମ୍’

**ଖୋର୍ଦ୍ଧା,୨୯।୫ (ପ୍ରଭାତ ପାଣିଗ୍ରାହୀ)**

ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମର ସୁରକ୍ଷା ନେଇ ପ୍ରଶ୍ନ ଉଠିବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ପ୍ରତିକ୍ରିୟା ରଖିଛନ୍ତି। ଜିଲା ମାଜିଷ୍ଟ୍ରେଟ ଏକ୍ସ ପେଜ୍‌ରେ ଟୁଇଟ୍‌ରେ ଲେଖିଛନ୍ତି, ଇଭିଏମ୍ ରହୁଥିବା ଷ୍ଟ୍ରଙ୍ଗରୁମ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି। କେନ୍ଦ୍ରୀୟ ଫୋର୍ସ ଓ ରାଜ୍ୟ ପୋଲିସ ସୁରକ୍ଷା ଦାୟିତ୍ୱରେ ରହିଥିବା ବେଳେ ୨୪ ଘଣ୍ଟିଆ ସିସିଟିଭି ସର୍ଭେଲାନ୍ସରେ ରହିଛି ଷ୍ଟ୍ରଙ୍ଗରୁମ। ସିସିଟିଭିର ସମସ୍ତ ଭିଡିଓ ପ୍ରସାରଣ ବିଜେବି କଲେଜ ଆଗରେ ପ୍ରାର୍ଥୀମାନେ ଦେଖିବା ଲାଗି ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପ୍ରସଙ୍ଗରେ କୌଣସି ପ୍ରାର୍ଥୀଙ୍କ ସନ୍ଦେହ ହେଲେ ତାଙ୍କୁ ଷ୍ଟ୍ରଙ୍ଗରୁମ ଭିତରକୁ ନିଆଯାଇ ସମସ୍ତ ବ୍ୟବସ୍ଥା ଦେଖାଇ ଦିଆଯିବ ବୋଲି ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଜିଲାପାଳ।

ବିଜେବି କଲେଜ ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଥିଲେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ। ସନ୍ଧ୍ୟାରେ କେତେଜଣ ଲୋକ ଷ୍ଟ୍ରଙ୍ଗରୁମ ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଜଗନ୍ନାଥ ଏବଂ ତାଙ୍କ ସହଯୋଗୀ ବିଜେବି କଲେଜକୁ ଯାଇଥିଲେ। ଷ୍ଟ୍ରଙ୍ଗରୁମ ଯାଞ୍ଚ କରାଯାଇଥିଲା। ଷ୍ଟ୍ରଙ୍ଗରୁମ ସୁରକ୍ଷିତ ରହିଥିବା ବେଳେ ପାଖ ରୁମ୍‌ରେ କେତେଜଣ ଲୋକ ପଶିଥିବା ଜଣାପଡିଥିଲା। ଭିତରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପାଖ ରୁମ୍ ନିକଟରେ କେତେଜଣ ଲୋକ ଯାତାୟାତ କରୁଥିବା ଜଣାପଡିଥିଲା। ଆଗକୁ ଭୋଟ ଗଣତି ରହିଛି। ଏବେ କାମ କରିବା କ’ଣ ଆବଶ୍ୟକ। ଷ୍ଟ୍ରଙ୍ଗରୁମ କରାଯିବା ପୂର୍ବରୁ ସମସ୍ତ କାମ ସାରିବା କଥା। ଏନେଇ ସନ୍ଦେହ ସୃଷ୍ଟି ହେଉଛି। କୌଣସି ବ୍ୟତିକ୍ରମ ନ ହେଉ। ଷ୍ଟ୍ରଙ୍ଗରୁମ ସୁରକ୍ଷିତ ରହିଛି କି ନାହିଁ, ତାହା ଅନୁଧ୍ୟାନ କରିବାକୁ ଆସିଥିବା ଜଗନ୍ନାଥ କହିଛନ୍ତି।

# ଭୋଟରଙ୍କୁ ଟଙ୍କା ବାଣ୍ଟିବାବେଳେ ୨.୪୪ ଲକ୍ଷ ଟଙ୍କା ଜବତ

**ବଲଙ୍ଗା,୨୯।୫(କେଦାରେଶ୍ୱର ନନ୍ଦ)**

୨ ଜଣ ଯୁବକ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଘଟଣାରେ ବଲଙ୍ଗା ପୋଲିସ ୨ ଲକ୍ଷ ୪୪ ହଜାର ଟଙ୍କା ଜବତ କରିଛି। ତେବେ ଦୁହେଁ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଫ୍ଲାଗ୍ ସ୍କାଡ୍ ଅଧିକାରୀ ନିରଞ୍ଜନ ନାୟକଙ୍କୁ ଜବତ ଟଙ୍କା ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ବଲଙ୍ଗା ବଜାର ସନ୍ନିକଟ ବଲଙ୍ଗା ସରକାରୀ ନୋଡାଲ ହାଇସ୍କୁଲ ପାଖରେ ପଞ୍ଚାୟତର ସମିତି ସଭ୍ୟ ପ୍ରକାଶ କୁମାର ସାହୁ ଓ ଯୁବ ବ୍ୟବସାୟୀ ରାଜୀବଲୋଚନ ପୃଷ୍ଟି ଟଙ୍କା ବାଣ୍ଟୁଥିଲେ। ଏହି ସମୟରେ ପୁରୁଣା ବଲଙ୍ଗାର ଦୁଃଶାସନ ବେହେରାଙ୍କୁ ପାଖକୁ ଡାକି ବିଜେଡିକୁ ଭୋଟ ଦେବାକୁ କହି ଗାଡିରୁ ଟଙ୍କା ଆଣିବାବେଳେ ତାହା ଖସି ପଡ଼ିଥିଲା। ଫଳରେ କେତେଜଣ ଭାଜପା କର୍ମୀ ଟଙ୍କା ଓ ଜଣଙ୍କୁ କାବୁ କରିବାକୁ ଉଦ୍ୟମ କରିବାବେଳେ ଗହଳିର ସୁଯୋଗ ନେଇ ୨ ଜଣ ଖସି ପଳାଇଥିଲେ। ଭାଜପା କର୍ମୀ ଟଙ୍କାକୁ ନେଇ ବଲଙ୍ଗା ପୋଲିସକୁ ହସ୍ତାନ୍ତର କରିବା ପରେ ୨ ଲକ୍ଷ ୪୪ ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ଏନେଇ ଦୁଃଶାସନ ବେହେରା ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତା

**ସାକ୍ଷୀଗୋପାଳ,୨୯।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସତ୍ୟବାଦୀ ବ୍ଲକ୍ ଅଧୀନ ବାରବାଟୀ ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ବୁଧବାର ସାମାଜିକ କର୍ମୀ ସହାୟତାର ହାତ ବଢ଼ାଇଛନ୍ତି। ସାମାଜିକ କର୍ମୀ ସୁଶୀଲ ସାହୁ, ହିମାଦ୍ରି ନାୟକ, ପ୍ରତାପ ଓଝା, ଅକ୍ଷୟ ମୁଦୁଲି, ତିରୁପତି ଜେନା, ଅମର ଶତପଥୀ, ଧନେଶ୍ୱର ବିଶ୍ୱାଳ, ସୁଧାକର ନାଠି, କାଳୁ ଜେନା, ପ୍ରଫୁଲ୍ଲ ପରିଡ଼ା, ବଟକିଶୋର ଜେନା, ପବିତ୍ର ରାଉତରାୟ, ବିଶ୍ୱରଞ୍ଜନ ଜେନା ପ୍ରମୁଖ ବାରବାଟୀ ଗ୍ରାମରେ ପହଞ୍ଚି ବିପନ୍ନଙ୍କୁ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସାହୁ ତାଙ୍କ ମା’ଙ୍କ ୪ର୍ଥ ଶ୍ରାଦ୍ଧ ଦିବସ ଅବସରରେ ସହାୟତା ପ୍ରଦାନ କରିଥିବା କହିଛନ୍ତି।

# ବିଶ୍ୱ ଟାଏକୋଣ୍ଡୋ ଟ୍ରେନିଂ: ଜିଲାରୁ ୨ ପ୍ରଶିକ୍ଷକ ମନୋନୀତ

**ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)**

ଚଳିତ ମେ’ ମାସ ୩୧ ତାରିଖଠାରୁ ଜୁନ ୯ ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ମୁଜୁ ସହରରେ ବିଶ୍ୱ ଟାଏକୋଣ୍ଡୋ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସାରା ବିଶ୍ୱର ବଛା ବଛା ପ୍ରଶିକ୍ଷକ ଯୋଗଦେଇ ସେମାନଙ୍କ ଦେଶର ଟାଏକୋଣ୍ଡୋ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏକ ନୂତନ ସୋପାନରେ ଆଗେଇ ନେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ପୁରୀରୁ ପ୍ରଥମ କରି ଦୁଇଜଣ ପ୍ରଶିକ୍ଷକ ମନମୋହନ ଭଞ୍ଜ ଏବଂ ଅଭିଜିତ ସାହୁ ମନୋନୀତ ହୋଇଥିବାରୁ ଏହା ଓଡ଼ିଶା ତଥା ଶ୍ରୀକ୍ଷେତ୍ର ପାଇଁ ଗର୍ବର ବିଷୟ ପାଲଟିଛି। ପ୍ରଶିକ୍ଷକ ଭଞ୍ଜ ୨୦୨୩ ଜୁଲାଇରେ ଅନ୍ତର୍ଜାତୀୟ ମାଷ୍ଟର ଇନ୍‌ଷ୍ଟ୍ରକ୍ଟର ଏବଂ ବ୍ଲାକବେଲ୍ଟ ପରୀକ୍ଷକ ଭାବେ କୃତକାର୍ଯ୍ୟ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ସମ୍ପାଦିତ କରିଆସୁଛନ୍ତି। ସେହିଭଳି ପ୍ରଶିକ୍ଷକ ସାହୁ ଜାତୀୟ ସ୍ତରରେ ସୁପରିଚିତ। ସେ ଏନ୍‌ଆଇଏସ୍ କୋଚିଂ ପାଠ୍ୟକ୍ରମ ସାରିବାରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ଗୋପାଳ ବଲ୍ଲଭ ରୋଡ଼ଠାରେ ପ୍ରଶିକ୍ଷକ ସାହୁ ‘ଦି ସ୍କୁଲ୍ ଅଫ୍ ଟାଏକୋଣ୍ଡୋ’ ନାମକ ଏକାଡେମୀ ସ୍ଥାପନ କରି ନବାଗତ ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଉଭୟ ପ୍ରଶିକ୍ଷକଙ୍କୁ ପୁରୀ ଜିଲା କ୍ରୀଡ଼ା ଅଧିକାରୀ, ଓଡ଼ିଶା ଟାଏକୋଣ୍ଡୋ ସଂଘ ସଭାପତି ବ୍ୟୋମୋକେଶ ଅଭିଳାଷ ପ୍ରସାଦ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସେମାନଙ୍କ ସଫଳତା କାମନା କରିଛନ୍ତି।



# ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ

**ବୋଲଗଡ,୨୯।୫(ଦେବବ୍ରତ ହୋତା)**

ବୋଲଗଡ଼ ସଦର ମହକୁମାରେ ଥିବା ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ୧୧ତମ ସାମ୍ବତ୍ସରିକ ଉତ୍ସବ ପନ୍ଦରଦୋଳ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ସମ୍ମାନିତ ଅତିଥିଭାବେ ବ୍ୟଙ୍ଗକବି ବ୍ରଜ ସୁବୁଦ୍ଧି, କଣ୍ଠଶିଳ୍ପୀ ଗଦାଧର ବିଶ୍ୱାଳ, ସୁଧାକର ମିଶ୍ର, ଇପ୍ସିତା ପଣ୍ଡା ଯୋଗଦେଇଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ତ୍ରିଲୋଚନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଅଭିନାଶ ସୁବୁଦ୍ଧି ବିବରଣୀ ପଠନ କରିଥିବା ବେଳେ ଉପସ୍ଥାପକ ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଏବଂ ମିଳିତ ବାଦ୍ୟ ପରିବେଷଣ କରାଯାଇଥିଲା। କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଅତିଥି ଓ କଳା ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଲିମା ଦାସଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଅଭିଭାବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।


ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।




୩୦।୫।୨୦୨୪

| | |
|---|---|
| ୪,୯୨,୫୫୭ ଟଙ୍କା | |
| ସୁନା | ୩.୮୦୦ ଗ୍ରାମ୍ |
| ରୁପା | ୩୧.୨୫୦ ଗ୍ରାମ୍ |

# ଏପ୍ରିଲରେ ୧୩କୋଟିରୁ ଊର୍ଦ୍ଧ୍ୱ ଟିକସ ଆଦାୟ

**ବର୍ଷ ଆରମ୍ଭରୁ ବିଏମ୍‌ସିର ତତ୍ପରତା**

■ବଡ଼ ଟିକସ ଖିଲାପକାରୀଙ୍କ ଉପରେ ନଜର ରଖିବାକୁ ଜେଡ଼ିସିଙ୍କୁ ଚିଠି

ଭୁବନେଶ୍ୱର, ୨୯।୫ (ବନ୍ଦନା ସେଠୀ)

ଗତ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ ଶତପ୍ରତିଶତ ହୋଇପାରି ନ ଥିଲେ ମଧ୍ୟ ପୂର୍ବବର୍ଷ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲା ବିଏମ୍‌ସି। ୨୦୨୩-୨୪ରେ ମୋଟ୍ ୧୧୫କୋଟି ଟଙ୍କାର ହୋଲ୍ଡିଂ ଟିକସ ଆଦାୟ କରିବାକୁ ଟାର୍ଗେଟ ଥିବାବେଳେ ୮୩କୋଟି ଟଙ୍କା ଡିମାଣ୍ଡ ରଖାଯାଇଥିଲା। ସେଥିରୁ ବିଏମ୍‌ସି ୭୪ କୋଟିରୁ ଊର୍ଦ୍ଧ୍ୱ ଟିକସ ଆଦାୟ କରିବାରେ ସଫଳ ହୋଇଛି, ଯାହାକି ଟାର୍ଗେଟ୍ ଟିକସର ୬୪% ଓ ଡିମାଣ୍ଡର ୮୯%। ତେବେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଏମ୍‌ସି ଯେପରି ଆହୁରି ଭଲ ପ୍ରଦର୍ଶନ କରିବ ସେ ନେଇ ଏବେଠାରୁ ତତ୍ପରତା ଆରମ୍ଭ କରି ଦେଇଛି। ଚଳିତ ଆର୍ଥିକ ବର୍ଷରେ କିଭଳି ଆଖିଦୃଶିଆ ରାଜସ୍ୱ ଆଦାୟ ହୋଇପାରିବ ସେନେଇ ଅଗ୍ରିମ ଭାବେ ଟିକସ ଆଦାୟ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଥିଲା। ଯେଉଁ ଟିକସଦାତାମାନେ ଏପ୍ରିଲ୍ ୧ରୁ ୩୦ ମଧ୍ୟରେ ଅଗ୍ରିମ ଭାବେ ଗୃହ ଟିକସ ଅନ୍‌ଲାଇନ୍ (bhubaneswar.me) ମାଧ୍ୟମରେ ଦାଖଲ କରିବେ, ସେମାନଙ୍କୁ ଶତକଡ଼ା ୫% ରିହାତି ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏହି କ୍ରମରେ ଗତ ଏପ୍ରିଲରେ ୧୩କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟିକସ ଆଦାୟ ହୋଇଛି। ଏହା ଗତବର୍ଷଠାରୁ ୨୫ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ସୂଚନା ମିଳିଛି। ଏଥିପାଇଁ ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍‌ର ୯ଟି ସ୍ଥାନ, ଦକ୍ଷିଣ-ପଶ୍ଚିମ ମଣ୍ଡଳର ୯ଟି ସ୍ଥାନ ଏବଂ ଉତ୍ତର ମଣ୍ଡଳର ୪ଟି ସ୍ଥାନରେ ରେଭିନ୍ୟୁ କଲେକ୍ସନ କ୍ୟାମ୍ପ ପକାଯାଇଥିଲା। ଏହି କ୍ୟାମ୍ପ ୧ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ସରକାରୀ କାର୍ଯ୍ୟଦିବସ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲାଯାଇଥିଲା।

ଅପରପକ୍ଷେ ବିଏମ୍‌ସି ଅଞ୍ଚଳରେ ଏକାଧିକ ଟିକସ ଖିଲାପକାରୀ ଅଛନ୍ତି, ଯେଉଁମାନେ ଠିକ୍ ଭାବେ ବକେୟା ଟିକସ ପଇଠ କରୁ ନ ଥିବାରୁ ବିଏମ୍‌ସିକୁ ପ୍ରତିବର୍ଷ କୋଟିକୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଆର୍ଥିକ ବର୍ଷ ଶେଷ ବେଳକୁ ବିଏମ୍‌ସି ଅଧିକାରୀ, ୱାର୍ଡଅଫିସର ଯେତେ ଚେଷ୍ଟା କଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ସେମାନେ ଟିକସ ପଇଠ କରୁନାହାନ୍ତି। ଏହାକୁ ନଜର ଦେଇ କେବଳ ଆର୍ଥିକ ବର୍ଷ ଶେଷ ବେଳକୁ ତରବର ନ ହୋଇ ବର୍ଷ ଆରମ୍ଭରୁ ଖିଲାପକାରୀଙ୍କ ଉପରେ ନଜର ଦେବାକୁ ଲକ୍ଷ୍ୟ ରଖିଛି ବିଏମ୍‌ସି। ଏହି କ୍ରମରେ ବିଏମ୍‌ସି ପକ୍ଷରୁ ମେ’ ୬ରେ ୩ଟି ଯାକ ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କୁ ଚିଠି କରାଯାଇଛି। ନିଜନିଜ ଜୋନ୍‌ରେ ଥିବା ବଡ଼ ଖିଲାପକାରୀଙ୍କ ବିସ୍ତୃତ ତାଲିକା ଯଥାଶୀଘ୍ର ପ୍ରଦାନ କରିବା ସହ ଟିକସ ପଇଠ ପାଇଁ ତନାଘନା କରିବାକୁ କୁହାଯାଇଛି। ଏହାବାଦ୍ ୨୦୨୪-୨୫ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ୨୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହୋଲ୍ଡିଂ ଟିକସ ଆଦାୟ ହୋଇଥିବା ସୂଚନା ଦିଆଯାଇଛି।

## ନିଶାସକ୍ତ ଚାଳକ ଗିରଫ, ଜେଲ ଗଲେ

**ଯାଞ୍ଚବେଳେ ପୋଲିସ ଟିମ୍ ଉପରେ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ**

ଭୁବନେଶ୍ୱର, ୨୯।୫ (ସତ୍ୟଜିତ ରାଉତ)



ଯାଞ୍ଚ ବେଳେ ପୋଲିସ ଟିମ୍ ଉପରକୁ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ସମ୍ପୃକ୍ତ ଚାଳକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଅନୁଗୋଳର ସୋମନାଥ ପାତ୍ର(୨୨)। ସେ ଚଳାଉଥିବା ସ୍କର୍ପିଓକୁ ମଧ୍ୟ ପୋଲିସ ଜବତ କରିଛି। ବୁଧବାର କୋର୍ଟଚାଲାଣ କରାଯିବା ପରେ ସୋମନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ମଙ୍ଗଳବାର ରାତିରେ ଟ୍ରାଫିକ ଥାନା-୨ର ପୋଲିସ ଟିମ୍ ଓମଫେଡ୍ ଛକରେ ଗାଡି ଯାଞ୍ଚ କରୁଥିଲେ। ରାତି ପ୍ରାୟ ୧ଟା ୨୦ରେ ସୋମନାଥ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବରେ ଗାଡି ଚଳାଇ ଡମଣା ଛକ ପାର୍ଶ୍ୱରୁ ନାଲକୋ ଛକ ଆଡକୁ ଆସୁଥିଲେ। ଏହି ସମୟରେ ପୋଲିସ ଟିମ୍ ତାଙ୍କ ଗାଡି ଅଟକାଇବାକୁ ସିଗ୍‌ନାଲ ଦେଇଥିଲା। ହେଲେ ସୋମନାଥ ପୋଲିସ ଟିମ୍‌କୁ ଦେଖି ତାଙ୍କ କାରକୁ ଦ୍ରୁତଗତିରେ ଚଳାଇ ପୋଲିସ ଟିମ୍ ଉପରକୁ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଟିମ ସୌଭାଗ୍ୟବଶତଃ କୌଶଳକ୍ରମେ ନିଜକୁ ରକ୍ଷା କରିଦେଇଥିଲେ। ସେପଟେ ସୋମନାଥ ବ୍ୟାରିକେଡ୍‌କୁ ଭାଙ୍ଗି କାର୍ ନେଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାମନ୍ତରାପୁର ଛକ ନିକଟରୁ ସୋମନାଥଙ୍କୁ କାବୁ କରିଥିଲା। ଏନେଇ ମାମଲା (ନଂ.୪୫୪/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଭଉଣୀ, ଭାଇଙ୍କୁ ଆକ୍ରମଣ

ଭୁବନେଶ୍ୱର, ୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ନୂତନ ବସ୍ତିରେ ଭଉଣୀ ଓ ଭାଇଙ୍କୁ କେତେଜଣ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଭଉଣୀଭାଇ ହେଲେ ସ୍ଥାନୀୟ ପଣ୍ଡା କୁଦିଆ ବସ୍ତିର ସୁଚିତ୍ରା ଦାସ ଓ କମଳ ପୂର୍ତ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କମଳ ଓ ସୁଚିତ୍ରା ପଣ୍ଡା କୁଦିଆ ବସ୍ତିରେ ରୁହନ୍ତି। ମଙ୍ଗଳବାର କମଳ କୌଣସି କାମରେ ନୂତନ ବସ୍ତିରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। କମଳ ଆସିଥିବା ସମୟରେ କୌଣସି କାରଣ ନ ଥାଇ ବଜରଙ୍ଗ କ୍ଲବର ଦୁଇଜଣ ପିଲା ତାଙ୍କୁ ଆକ୍ରମଣ କରିଥିଲେ। ଭାଇ କମଳଙ୍କୁ ଆକ୍ରମଣ ଖବର ପାଇ ଭଉଣୀ ସୁଚିତ୍ରା ସେଠାକୁ ଆସିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ସୁଚିତ୍ରାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ସୁଚିତ୍ରା ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ନାଦବ୍ରହ୍ମର ଗ୍ରୀଷ୍ମ ଉତ୍ସବ, ସଙ୍ଗୀତ ଆଲୋଚନାଚକ୍ର




ଭୁବନେଶ୍ୱର, ୨୯।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନାଦବ୍ରହ୍ମ ପକ୍ଷରୁ ବୁଧବାର ବୁଦ୍ଧମନ୍ଦିରଠାରେ ସଙ୍ଗୀତ(ତାଳ) ଆଲୋଚନାଚକ୍ର ସହିତ ଗ୍ରୀଷ୍ମ ଉତ୍ସବ ପାଳିତ ହୋଇଯାଇଛି। ଗୁରୁ ବିନୋଦ ବିହାରୀ ରାଉତ, ଗୁରୁ ତାପସ ପାଲ, ଗୁରୁ କୁଳମଣି ସାହୁ ଓ ଗୁରୁ ବିଭୂତି ବଳବନ୍ତରାୟ ଅଂଶ ଗ୍ରହଣ କରିବା ସହିତ ଜୀବନରେ ସଙ୍ଗୀତର ସମ୍ପର୍କ ଓ ତାଳ ସମ୍ବନ୍ଧୀୟ ତଥ୍ୟ ସୁନ୍ଦରଭାବେ ଆଲୋଚନା କରିଥିଲେ। ଭାରତୀୟ ସଙ୍ଗୀତରେ ରୂପକ ତାଳରେ ପ୍ରଥମ ମାତ୍ରା ଫାଙ୍କ ବା ଖାଲି ଥିବା କାରଣ ସମ୍ବନ୍ଧରେ ଗବେଷଣାତ୍ମକ ଆଲୋଚନା ହୋଇଥିଲା। ଏହାକୁ ଗୁରୁ ଡ. ଜଗନ୍ନାଥ କୁଅଁର ପରିଚାଳନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ନିମାକାନ୍ତ ରାଉତରାୟ ଓ ମହାପାତ୍ର ମିନତି ଭଞ୍ଜ ଗ୍ରୀଷ୍ମଋତୁ ଆଧାରିତ ଓଡ଼ିଶୀ ଏବଂ ଉପଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପିକା ଜୟସ୍ମିତା କୁଅଁର ଗୀତଗୋବିନ୍ଦ ଗାନ କରିଥିଲେ। ବଂଶୀ ଓ ମର୍ଦ୍ଦଳରେ ସହଯୋଗୀତା କରିଥିଲେ ଅଧ୍ୟାପକ ଜବାହାର ମିଶ୍ର ଓ ପ୍ରଫେସର ଜଗନ୍ନାଥ କୁଅଁର। ଏଥିସହିତ ମଞ୍ଜିରାରେ ସହଯୋଗ କରିଥିଲେ ଜୟଗୁରୁ ପ୍ରଧାନ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ପ୍ରଖ୍ୟାତ ସିନେକ୍ରିଟିକ ଦିଲୀପ ହାଲି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ବ୍ରହ୍ମାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବକୁ ଅନୁଷ୍ଠାନର ସମ୍ପାଦକ ଡ. ଜଗନ୍ନାଥ କୁଅଁର ପରିଚାଳନା କରିଥିଲେ।

## ୫ ମୋଟରସାଇକେଲ ଜବତ, ୨ ଗିରଫ

ଭୁବନେଶ୍ୱର, ୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ମୋଟରସାଇକେଲ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କ୍ୟାପିଟାଲ ଥାନା ପୋଲିସ ଧରିଛି। ଗ୍ୟାଙ୍ଗ୍‌ର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନାରାୟଣ ବଡ଼ଜେନା ଓ ମନୋରଞ୍ଜନ ସ୍ୱାଇଁ। ଉଭୟଙ୍କଠାରୁ ୫ଟି ମୋଟରସାଇକେଲ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଲକ୍ଷ୍ମଣ କୁମାର ସାହୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ୟୁନିଟ-୨ ନିକଟରେ ତାଙ୍କର ମୋଟରସାଇକେଲଟିକୁ ପାର୍କିଂ କରି ମାର୍କେଟିଂ କରିବା ପାଇଁ ଯାଇଥିଲେ। କିଛି ସମୟ ପରେ ଫେରିଥିଲେ ମଧ୍ୟ ମୋଟରସାଇକେଲଟିକୁ ସେଠାରେ ପାଇ ନ ଥିଲେ। ବହୁ ଖୋଜାଖୋଜି କରି ନ ପାଇବାରୁ ଏନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତଦ୍ୱୟ ଚୋରି ମୋଟରସାଇକେଲକୁ ବିକ୍ରୟ ନିମନ୍ତେ ଗ୍ରାହକ ଖୋଜୁଥିବା ସମୟରେ ଗଙ୍ଗନଗର ନିକଟରୁ କାବୁ କରିଥିଲା। ପରେ ଉଭୟଙ୍କଠାରୁ ମୋଟ ୫ଟି ଗାଡି ଜବତ କରିଥିଲା ପୋଲିସ।

## ୩ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ମୋହନ କୁମାର

**୫୦ କୋଟି ଠକେଇ ମାମଲା**

ଭୁବନେଶ୍ୱର, ୨୯।୫(ସତ୍ୟଜିତ୍ ରାଉତ)



ମିଛ ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ୨ ହଜାର ଲୋକଙ୍କଠାରୁ ୫୦ କୋଟି ଟଙ୍କା ଠକିବା ମାମଲାରେ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ମଙ୍ଗଳବାର ଗିରଫ ହୋଇ ଜେଲ ଯାଇଥିବା ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ପରିଡାଙ୍କୁ ଇଓଡବ୍ଲ୍ୟୁ ବୁଧବାର ୩ ଦିନ ପାଇଁ ରିମାଣ୍ଡରେ ଆଣିଛି। ତାଙ୍କୁ ଇଓଡବ୍ଲ୍ୟୁର ଏକ ସ୍ୱତନ୍ତ୍ର ଟିମ୍ ପଚରାଉଚରା କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ରିମାଣ୍ଡ ଅବଧି ଥିବାବେଳେ ଏହି ସମୟରେ ଇଓଡବ୍ଲ୍ୟୁ ତାଙ୍କଠାରୁ ଠକେଇ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଯୋଜନା କରିଛି। ଅନ୍ୟପକ୍ଷରେ ସ୍ତ୍ରୀ ପୁଷ୍ପଲତା ବେହୁରାଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଚଳାଇଛି। ତେବେ ଠକେଇ ଟଙ୍କା ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବାରୁ ସେସବୁ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରୁଛି ଇଓଡବ୍ଲ୍ୟୁ। ଏଥିସହ ଉକ୍ତ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ପ୍ରୟାସ ଆରମ୍ଭ କରିଛି ତଦନ୍ତକାରୀ ସଂସ୍ଥା।

ସୂଚନାଯୋଗ୍ୟ, ଭଦ୍ରକ ଚାନ୍ଦବାଲି ଅଞ୍ଚଳର ମୋହନ ତାଙ୍କ ସ୍ତ୍ରୀଙ୍କ ସହ ମିଶି ୨୦୨୦ରୁ ୨୦୨୩ ମଧ୍ୟରେ ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ କମ୍ପାନୀ ଖୋଲି ବିଭିନ୍ନ ସ୍କିମ୍ ନାଁରେ ଠକେଇ ଜାଲ ବିଛାଇଥିଲେ। ପ୍ରତି ମାସରେ ୨୬ ପ୍ରତିଶତ ଲାଭ ଓ ୩ ମାସ ଧରି ଏଭଳି ଲାଭ ମିଳିବ ବୋଲି ଲୋକଙ୍କୁ କହୁଥିଲେ। ଏଥିସହ ନୂଆ ସଦସ୍ୟଙ୍କୁ ଯୋଡ଼ିଲେ ୨ ପ୍ରତିଶତ ବୋନସ୍ ମିଳିବାର ଲୋଭ ଦେଖାଇ ନିବେଶକଙ୍କଠାରୁ ୫୦କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ। ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲୋଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମେ’ ୧୬ରେ ଏ ସଂକ୍ରାନ୍ତରେ ମାମଲା (ନଂ.୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କଳାକାର ସାର୍ଟିଫିକେଟ ବାଣ୍ଟିବା ଆଳରେ ଟଙ୍କା ବଣ୍ଟନ

ଗୋପ, ୨୯।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ଅଣ୍ଡରା- ଇଚ୍ଛାପୁର ପଞ୍ଚାୟତର ତୋଟାସାହି ଗ୍ରାମରେ ବୁଧବାର ମଧ୍ୟାହ୍ନରେ କଳାକାର ସାର୍ଟିଫିକେଟ ବାଣ୍ଟିବା ଆଳରେ ଭୋଟ ପାଇଁ ଟଙ୍କା ବଣ୍ଟନ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍ ଉପାଧ୍ୟକ୍ଷ ତଥା ଅଣ୍ଡରା- ଇଚ୍ଛାପୁର ପଞ୍ଚାୟତ ସମିତି ସଭ୍ୟ ବନରଞ୍ଜନ ପଟ୍ଟନାୟକ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ସମ୍ପୃକ୍ତ ମହିଳା ସେଠାରୁ ଫେରାର ହୋଇଯାଇଥିଲେ। ପ୍ରକାଶ ଯେ, ଏବେ ଆଚରଣ ବିଧି ଲାଗିଥିବାବେଳେ କାହା ନିର୍ଦ୍ଦେଶରେ ଏହି କଳାକାର ସାର୍ଟିଫିକେଟ ବଣ୍ଟନ ହେଉଥିବା ନେଇ ସରପଞ୍ଚ ମୀନା କୁମାରୀ ମହାନ୍ତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ମହିଳାଙ୍କ ସହ ଆଉ ଜଣେ ବ୍ୟକ୍ତି ଶାସକ ଦଳ ନେତାଙ୍କ ନିର୍ଦ୍ଦେଶରେ ଟଙ୍କା ଦେଇ ଭୋଟରଙ୍କୁ ହାତେଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ପାଇ ଘଟଣାସ୍ଥଳରେ ବ୍ଲକ୍ ଉପାଧ୍ୟକ୍ଷ ପଟ୍ଟନାୟକ ପହଞ୍ଚିଥିଲେ। ଏହି ସମୟରେ ଟଙ୍କା ବାଣ୍ଟିବାକୁ ଆସିଥିବା ମହିଳା ଓ ସମ୍ପୃକ୍ତ ବ୍ୟକ୍ତି ଜଣକ ଘଟଣାସ୍ଥଳରୁ ପଳାଇଥିଲେ। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଯାଇଥିଲା।

## ବିଶ୍ୱବ୍ୟାପୀ ପହଞ୍ଚିବ ‘ନନ୍ଦ ମାଷ୍ଟରଙ୍କ ଚାଟଶାଳୀ’

ଭୁବନେଶ୍ୱର, ୨୯।୫(ଶର୍ମିଷ୍ଠା ପାଣିଗ୍ରାହୀ)



୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଣବ କୁମାର ଆଏଚଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ନନ୍ଦ ମାଷ୍ଟରଙ୍କ ଚାଟଶାଳୀ’ର ଟ୍ରେଲର ଭାରତ ପର୍ବ ଦ୍ୱାରା ପ୍ରଦର୍ଶିତ ହୋଇଯାଇଛି। ଏ ନେଇ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ୧୦୩ ବର୍ଷ ବୟସ୍କ ନନ୍ଦ ପ୍ରଷ୍ଟି ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ସମୟରେ ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ ଦେଇ ଚର୍ଚ୍ଚାକୁ ଆସିଥିଲେ। ଏଭଳି ଏକ ପ୍ରେରଣାଦାୟୀ, ଶିକ୍ଷଣୀୟ ଏବଂ ନିଃସ୍ୱାର୍ଥପୂର୍ଣ୍ଣ ବ୍ୟକ୍ତିତ୍ୱର କାହାଣୀ ନିଶ୍ଚିତ ରୂପେ ଏକ ଆଦର୍ଶ ରାଷ୍ଟ୍ର ନିର୍ମାଣରେ ଆଗାମୀ ଯୁବ ପିଢ଼ିଙ୍କ ପାଇଁ ଏକ ବଳିଷ୍ଠ ଉଦାହରଣ। ଶୋ’ରେ ଉପସ୍ଥିତ ସମସ୍ତ ଦର୍ଶକ ଟ୍ରେଲରକୁ ପ୍ରଶଂସା କରିଥିଲେ ଏବଂ ପୋଷ୍ଟର ଲଞ୍ଚ କରିବାକୁ ଆଗେଇ ଆସି ଚଳଚ୍ଚିତ୍ରକୁ ବିଶ୍ୱବ୍ୟାପୀ ଯାତ୍ରା କରିବାରେ ସାହାଯ୍ୟ କରିଥିଲେ ବୋଲି ନିର୍ଦ୍ଦେଶକ ପ୍ରଣବ କହିଛନ୍ତି। ଏହାର ପ୍ରଯୋଜକ ଅଭୟ ପତି ମଧ୍ୟ ଏଠାରେ ଉପସ୍ଥିତ ଥିଲେ। ୨୦୨୪ରେ ଏହି ଚଳଚ୍ଚିତ୍ର ଅନେକ ଅନ୍ତର୍ଜାତୀୟ, ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହେବା ନେଇ ସେ ଆଶା ରଖିଥିବା ମତବ୍ୟକ୍ତ କରିଛନ୍ତି।

## ମହିଳାଙ୍କ ଘରୁ ଚୋରି, ଯୁବକ ଗିରଫ

ଭୁବନେଶ୍ୱର, ୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ରାତି ଅଧରେ ଜଣେ ମହିଳାଙ୍କ ଘରେ ପଶି ଟଙ୍କା ଓ ମୋବାଇଲ ଚୋରି କରିଥିବା ଜଣେ ୧୯ ବର୍ଷୀୟ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ଶିବ ଦାସ। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ଉକ୍ତ ମୋବାଇଲକୁ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ସମୟରେ ଭରତପୁର ଶିବ ମନ୍ଦିର ନିକଟରେ ପୋଲିସ ତାଙ୍କୁ କାବୁ କରିଥିଲା। ଏହି ଘଟଣାରେ ଅନ୍ୟଜଣେ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ହୋଟେଲ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର, ୨୯।୫ (ସୂର୍ଯ୍ୟକାନ୍ତ ବେହେରା)

ହୋଟେଲ ବ୍ୟାରେକ ଭିତରକୁ ନ ଛାଡିବାରୁ ଜଣେ ଯୁବକ ସୁରକ୍ଷାକର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଅଭିଯୋଗ ପରେ ମୈତ୍ରୀବିହାର ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲିଆଲିସାହିରେ ରହୁଥିବା କଟକର ସରୋଜ କୁମାର ସାହୁ। ଚନ୍ଦ୍ରକାନ୍ତ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାନୁସାରେ, ଚନ୍ଦ୍ରକାନ୍ତ ଭୁବନେଶ୍ୱରରସ୍ଥିତ ହୋଟେଲ ମେ’ଫେୟାରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରିବା ସହ ହୋଟେଲ ବ୍ୟାରେକରେ ରୁହନ୍ତି। ମଙ୍ଗଳବାର ସକାଳେ ସେ ତାଙ୍କ ବ୍ୟାରେକରେ ଉପସ୍ଥିତ ଥିବାବେଳେ ଅଭିଯୁକ୍ତ ସରୋଜ ତାଙ୍କର କେତେଜଣ ସହଯୋଗୀଙ୍କ ସହିତ ବ୍ୟାରେକ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଚନ୍ଦ୍ରକାନ୍ତ ସେମାନଙ୍କୁ ବିରୋଧ କରିବା ସହ ଭିତରକୁ ଯିବାକୁ ଦେଇ ନ ଥିଲେ। ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ରାଗିଯାଇ ଚନ୍ଦ୍ରକାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ବାଡ଼ି ଓ କାଠ ଫାଳିଆରେ ଆକ୍ରମଣ କରିଥିଲେ।

## ସାହିତ୍ୟ ଏକାଡେମୀରେ ୪ ପୁସ୍ତକ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୨୯।୫(ଶର୍ମିଷ୍ଠା ପାଣିଗ୍ରାହୀ)




କୋଲକାତାସ୍ଥିତ କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରେକ୍ଷାଳୟରେ ଏକ ପୁସ୍ତକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅନୁବାଦିକା ପ୍ରଫେସର କୃଷ୍ଣା ଭଟ୍ଟାଚାର୍ଯ୍ୟ ଓ ଶ୍ୟାମଳ ଭଟ୍ଟାଚାର୍ଯ୍ୟ ଅତିଥି ଆଲୋଚକ ଭାବେ ଯୋଗଦେଇ ବଙ୍ଗଳାରେ ଅନୂଦିତ ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ୪ଟି ପୁସ୍ତକ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ସାହିତ୍ୟ ଏକାଡେମୀ କୋଲକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଗୌରହରି ଦାସଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ମୂଳ ଓଡ଼ିଆ ଗଳ୍ପ ସଙ୍କଳନ ‘କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ’ର ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରି ପ୍ରଫେସର ଭଟ୍ଟାଚାର୍ଯ୍ୟ କହିଲେ, ସଂକଳନର ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜର ନିଛକ ପ୍ରତିଛବି ରହିଛି। ଏହା ଏକ ସାର୍ଥକ ସୃଷ୍ଟି। ମୁଖ୍ୟତଃ ନାରୀ ଚରିତ୍ରମାନଙ୍କର କଥା କହିବାକୁ ନେଇ ଲେଖକଙ୍କର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇଛି। ଗଳ୍ପଗୁଡ଼ିକ ପଢ଼ିବାବେଳେ ପାଠକକୁ ଲାଗିବ ଯେମିତି କି ସେ ତାହାର ଆଖପାଖରେ ସେମାନଙ୍କୁ ଦେଖିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ତିନିଟି ବଙ୍ଗଳା ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ ବିଶିଷ୍ଟ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ। ସେଗୁଡ଼ିକ ହେଉଛି ବେଦ ରାହୀଙ୍କ ଡୋଗ୍ରୀ ଗଳ୍ପ ସଙ୍କଳନ ‘ଆୟ ରେ’, ଓମ୍ ଗୋସ୍ୱାମୀଙ୍କ ଡୋଗ୍ରୀ ସଙ୍କଳନ ‘ସୋନାର ପକ୍ଷୀ’ ଏବଂ ମୋହନ ଭଣ୍ଡାରୀଙ୍କ ପଞ୍ଜାବୀ ଗଳ୍ପ ସଙ୍କଳନ ‘କୁମାରୀ ହରିନୀର ଚୋଖ’। ଶେଷରେ ଆଲୋଚକଦ୍ୱୟ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ବଙ୍ଗଳା ଭାଷାର ବହୁ ଲେଖକ ଏବଂ ଅନୁବାଦକ ଯୋଗ ଦେଇଥିଲେ।

## ‘ଯୁବପିଢ଼ି ଚାହିଁଲେ ଦୁର୍ଘଟଣା ମୃତ୍ୟୁ କମାଇପାରିବେ’

**ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ଆରମ୍ଭ**

ଭୁବନେଶ୍ୱର, ୨୯।୫(ଅନୁରାଧା ମହାରଣା)




ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନ୍‌ଏସ୍‌ଏସ୍ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି ଦ୍ୱାରା ସଡ଼କ ସୁରକ୍ଷା ଓ ଦୁର୍ଘଟଣାଜନିତ ପ୍ରାଥମିକ ଉପଚାର ସମ୍ପର୍କିତ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ବୁଧବାର ରେଡ୍‌କ୍ରସ ଭବନରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ କଲେଜରୁ ପ୍ରାୟ ୧୨୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣରେ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଡ୍‌କ୍ରସର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ, ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା, ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରାଙ୍କ ସହ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅଭିଜ୍ଞ ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ଆମ ଦେଶରେ ସମୁଦାୟ ମୃତ୍ୟୁର ୧୦ ପ୍ରତିଶତ ମୃତ୍ୟୁ କେବଳ ସଡ଼କ ଦୁର୍ଘଟଣାଜନିତ ହୋଇଥାଏ ଏବଂ ଏହି ସଂଖ୍ୟାକୁ ଆମ ଯୁବ ପିଢି ଚାହିଁଲେ କମାଇ ପାରିବେ ବୋଲି ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା ପ୍ରଶିକ୍ଷଣ ପ୍ରଦାନ ଅବସରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ କହିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ସଡ଼କ ସୁରକ୍ଷା ଓ ରାସ୍ତାରେ ଯାତାୟାତଜନିତ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। କୌଣସି ଆହତ ବା ହଠାତ୍ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚାଇବା ପର୍ଯ୍ୟନ୍ତ ଯେଉଁ ଉପଚାର ବା ସହାୟତା ଆବଶ୍ୟକ ଯେପରିକି କୃତ୍ରିମ ଶ୍ୱାସକ୍ରିୟା (ସିପିଆର୍) ଦେବା, ଶ୍ୱାସନଳୀରେ ଖାଦ୍ୟ ପଦାର୍ଥ ଅଟକି ଗଲେ କ’ଣ କରିବାକୁ ହେବ, କ୍ଷତ ସ୍ଥାନରୁ ରକ୍ତସ୍ରାବ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ, ଶରୀରର କୌଣସି ସ୍ଥାନ ପୋଡ଼ି ଯାଇଥିଲେ ପରବର୍ତ୍ତୀ ପଦକ୍ଷେପ କ’ଣ ରହିବ, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଶୁ ଚିକିତ୍ସା ଯୋଗାଇଦେବା, ସାପକାମୁଡ଼ାର ଚିକିତ୍ସା ଭଳି ବିଭିନ୍ନ ଜରୁରିକାଳୀନ ଚିକିତ୍ସା ବିଷୟରେ ଦୁଇଦିନ ଧରି ବିସ୍ତୃତ ପ୍ରଶିକ୍ଷଣ ଦିଆଯିବ। ଲୋକଙ୍କ ସେବା କରିବାର ଅବସର ଏନ୍‌ଏସ୍‌ଏସ୍ ପ୍ରଦାନ କରୁଛି, ତେଣୁ ଏହାର ସଦୁପଯୋଗ କରନ୍ତୁ ବୋଲି ରାଜ୍ୟ ଏନ୍‌ଏସଏସ ଅଫିସର ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ କହିଥିଲେ। ଜୟଶ୍ରୀ ବାଳା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଶହେ ମିଟର ପରିସୀମାରେ ଫୋନ୍ ବ୍ୟବହାର ମନା

**ଭୋଟଗ୍ରହଣ ପାଇଁ ୩୦ ତାରିଖ ସନ୍ଧ୍ୟାରୁ ୧୪୪ ଧାରା ଜାରି**

କଟକ,୨୯।୫(କାର୍ତ୍ତିକ ସାହୁ)

ଅନ୍ତିମ ପର୍ଯ୍ୟାୟ ଜୁନ୍ ୧ ତାରିଖ ଭୋଟ ପାଇଁ କଟକ ଜିଲାର ନିଆଳି, ସାଲେପୁର ଏବଂ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ୧୪୪ ଧାରା ଜାରି ହୋଇଛି। ଜିଲାପାଳ ଅରିନ୍ଦମ ଡାକୁଆ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ଫୌଜଦାରୀ ଆଇନ, ୧୮୭୩ ଆଧାରରେ ୧୪୪ ଧାରା ଜାରି କରିଛନ୍ତି। ଆଗାମୀ ୩୦ ତାରିଖ ସନ୍ଧ୍ୟା ୬ଟାରୁ ଜୁନ୍ ୨ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଏହି ଧାରା ଅନୁଯାୟୀ ଭୋଟଗ୍ରହଣ କେନ୍ଦ୍ର ପରିସରର ୨୦୦ ମିଟର ଅଞ୍ଚଳ ମଧ୍ୟରେ ୫ ଜଣ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ରିତ ହେବା ନିଷିଦ୍ଧ। କେବଳ ଜନସେବାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ପାଇଁ ସମଗ୍ର ଜିଲାରେ ଲାଉଡସ୍ପିକର, ଆମ୍ପ୍ଲିଫାୟର ଏବଂ ଉଚ୍ଚ ସ୍ୱର କରୁଥିବା ଅନ୍ୟ ଯେକୌଣସି ଉପକରଣ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିସୀମା ମଧ୍ୟରେ ସରକାରୀ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ଯାନବାହନ ପାର୍କିଂ କରାଯାଇ ପାରିବ ନାହିଁ ଏବଂ କୌଣସି ନିର୍ବାଚନ ପୋଷ୍ଟର କିମ୍ବା ଅନ୍ୟ ସାମଗ୍ରୀ ଲଗାଯାଇପାରିବ ନାହିଁ। ନିର୍ବାଚନ ଶେଷ ପର୍ଯ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଏକ୍‌ଜିଟ ପୋଲ୍‌ର ଫଳାଫଳ ଘୋଷଣା ନିଷେଧ କରାଯାଇଛି। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ମତଦାନ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ସେଲୁଲାର ଫୋନ୍, କର୍ଡଲେସ ଫୋନ୍, ସ୍ମାର୍ଟ ଫୋନ୍, ସ୍ମାର୍ଟ ୱାଚ୍ ଆଦି ବ୍ୟବହାର ମଧ୍ୟ ନିଷେଧ ହୋଇଛି। ସେହିପରି ସମଗ୍ର କଟକ ଜିଲା ପରିସୀମାରେ କୌଣସି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଆଦି ପ୍ରଦର୍ଶନ କରାଯାଇପାରିବ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମତଦାନ କେନ୍ଦ୍ର ପରିସରରେ ଅସ୍ତ୍ର ଧାରଣ କରି ରହିବା ମଧ୍ୟ ନିଷେଧ। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମା ଅମାନ୍ୟ କଲେ ଭାରତୀୟ ପିଙ୍ଗଳ କୋଡ୍ ଧାରା ୧୮୮ ଏବଂ ଅନ୍ୟ ସମ୍ପୃକ୍ତ ପ୍ରାବଧାନ ଅନୁଯାୟୀ ଦଣ୍ଡିତ ହେବେ।

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଲୋକପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୧୨୬ ଆଧାରରେ ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ସମସ୍ତ ନିର୍ବାଚନ ପ୍ରଚାର ଶେଷ ହେବ। ପ୍ରଚାର ସମୟସୀମା ଶେଷ ହେବା ପରେ କୌଣସି ବ୍ୟକ୍ତି ନିର୍ବାଚନ ସମ୍ବନ୍ଧିତ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ, ଏଥିରେ ଯୋଗଦାନ କିମ୍ବା ଉଦ୍‌ବୋଧନ ଦେଇପାରିବେ ନାହିଁ। କୌଣସି ବ୍ୟକ୍ତି ଜନସାଧାରଣଙ୍କୁ ନିର୍ବାଚନ ସମ୍ବନ୍ଧିତ କୌଣସି ଫଟୋଚିତ୍ର ପ୍ରଦର୍ଶନ କିମ୍ବା ଟେଲିଭିଜନ ବା ରେଡିଓ ମାଧ୍ୟମରେ ପ୍ରଚାର ପ୍ରସାର କରିପାରିବେ ନାହିଁ। କୌଣସି ବ୍ୟକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ନାଟକ ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରି ନିର୍ବାଚନ ସଂକ୍ରାନ୍ତରେ ପ୍ରଚାର କରିପାରିବେ ନାହିଁ। ପ୍ରଚାର ପାଇଁ ନିର୍ବାଚନମଣ୍ଡଳୀ ବାହାରୁ ଅଣାଯାଇଥିବା ବ୍ୟକ୍ତିମାନେ ଯଦି ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଭୋଟର ନୁହନ୍ତି, ପ୍ରଚାର ସମୟ ଶେଷ ପରେ ସେମାନେ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିପାରିବେ ନାହିଁ ବୋଲି ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।



ଅନ୍ନପୂର୍ଣ୍ଣା ଥିଏଟରରେ ଲାବଣ୍ୟ ଥିଏଟର ଭୁବନେଶ୍ୱର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଅନାଗତ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଝରକା ଗ୍ରୀଲ୍ ତାଡ଼ି ୨୦ଲକ୍ଷରୁ ଊର୍ଦ୍ଧ୍ୱ ସୁନାଗହଣା ଓ ଟଙ୍କା ଲୁଟ

ଖୁଣ୍ଟୁଣୀ,୨୯।୫(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ଗ୍ରାମରେ ମଙ୍ଗଳବାର ରାତିରେ ୨ଟି ପୃଥକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଖୁଣ୍ଟୁଣୀ ଥାନା ପୋଲିସ ୧୨୩/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସିସିଟିଭି ଫୁଟେଜକୁ ଆଧାରକରି ଘଟଣାର ତଦନ୍ତ ଚଳାଇଛନ୍ତି। ଗ୍ରାମର ତାପସ ରଞ୍ଜନ ପଣ୍ଡାଙ୍କ ଘର ଝରକା ଗ୍ରିଲ୍ ତାଡ଼ି ଗୋଦ୍‌ରେଜରୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ୨ ଲକ୍ଷ ଟଙ୍କା ଲୁଟ ହୋଇଥିବା ବୁଧବାର ମଧ୍ୟାହ୍ନରେ ଅଭିଯୋଗ ହୋଇଛି। ତାପସଙ୍କ ପରିବାର ରାତିରେ ଖାଇ ଶୋଇଥିବାବେଳେ ପ୍ରାୟ ସାଢେ ଗୋଟାଏ ରାତିରେ ଦୁର୍ବୃତ୍ତମାନେ ଘର ପଛ ଝରକା ଗ୍ରୀଲ୍ ତାଡ଼ି ଘର ଭିତରେ ପଶିଥିଲେ। ଗୋଦ୍‌ରେଜରୁ ସୁନାଗହଣା ଓ ଟଙ୍କାକୁ ନେଇଯାଇଥିବା ଭୋର ସାଢେ ୪ଟା ବେଳକୁ ଜାଣିବାକୁ ପାଇଥିଲେ। ସେହିପରି ସେହି ରାତିରେ ତାପସଙ୍କ ଘରଠାରୁ ମାତ୍ର କିଛି ଦୂରରେ ଥିବା ରମାନାଥ ପଣ୍ଡାଙ୍କ ୨ ମହଲା ଘର ଭିତରେ କେହି ନ ଥିବାବେଳେ କବାଟ ଭାଙ୍ଗି ଦୁର୍ବୃତ୍ତ ଏକ ଏଲ୍‌ଇଡି ଟିଭି ଲୁଟି ନେଇଥିବା ଥାନରେ ଅଭିଯୋଗ ହୋଇଛି।

### ସଚେତନ, ସତର୍କ ହେଲେ ରୋଗଠୁ ଦୂରେଇହେବ

କଟକ,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ଡାଇଜେଷ୍ଟିଭ ଦିବସ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ପ୍ରଫେସର ଡା. ଏସି. ଚାନ୍ଦ, ପ୍ରଫେସର ଡା.ସୁବାସ ଚନ୍ଦ୍ର ସାମଲ, ଡା. ଆଶୁତୋଷ ମହାପାତ୍ର, ଡା. ସନମୁନ ମହାପାତ୍ର ଯୋଗଦେଇ ରୋଗର ଚିକିତ୍ସା ସମ୍ପର୍କରେ ଆଲୋଚନା କରିବା ସହ ପୂର୍ବରୁ ସତର୍କତା ଓ ସଚେତନ ରହିଲେ ଏହି ରୋଗରୁ ଦୂରେଇ ରହିହେବ ବୋଲି ମତବ୍ୟକ୍ତ କରିଥିଲେ। ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଓ ଏସସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ସି.ଆର୍. ପଣ୍ଡା, ପ୍ରଫେସର ଡା. ଆର୍. କେ. ଜେନା, ପ୍ରଫେସର ଡା. ଅରୁଣ ଚୌଧୁରୀ, ପ୍ରଫେସର ଡା. ବନବିହାରୀ ମିଶ୍ର, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୈବଲ୍ୟ ରଞ୍ଜନ ଦାସ ଓ ସମୀର ହୋତା ପରିଚାଳନା କରିଥିବା ବେଳେ ଡା. ହରିଭକ୍ତି ସେବା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଡା. ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ପ୍ରବଳ ଖରା ଯୋଗୁ ଏସ୍‌ସିବି ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲର ଗାଏନାକୋଲୋଜି ବିଭାଗ ସମ୍ମୁଖରେ ଥିବା ଗଛ ତଳେ ରୋଗୀଙ୍କ ସମ୍ପର୍କୀୟମାନେ ବିଶ୍ରାମ ନେଉଛନ୍ତି।

# ଅବକାରୀ ସାମଗ୍ରୀ ବିକ୍ରି ଉପରେ ନିଷେଧାଦେଶ

**ଖଣିଜ ପରିବହନକାରୀ ଯାନ ଚଳାଚଳ ବନ୍ଦ**

କଟକ,୨୯।୫(କାର୍ତ୍ତିକ ସାହୁ)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କଟକ ଜିଲା ଅନ୍ତର୍ଗତ ସାଲେପୁର, ନିଆଳି ଓ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭୋଟଗ୍ରହଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ଅବକାରୀ ସାମଗ୍ରୀ ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟସ୍ଥିତ ଓଏସ୍‌ବିସି ଡିପୋ, କଟକ ଜିଲାକୁ ସଂଯୋଗ କରୁଥିବା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପରିସୀମାର ୭ରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ସମସ୍ତ ଅବକାରୀ ସାମଗ୍ରୀ ବିକ୍ରୟ ଦୋକାନକୁ ବନ୍ଦ ରଖାଯିବା ସହ ସେସବୁକୁ ସିଲ୍ କରାଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହିସବୁ ସ୍ଥାନରେ ୩୦ ତାରିଖ ଅପରାହ୍ଣ ୪ଟାରୁ ଜୁନ୍ ୧ ତାରିଖ ବିକ୍ରୟ ବନ୍ଦ ହେବା ସମୟ ପର୍ଯ୍ୟନ୍ତ ଏବଂ ଭୋଟ ଗଣତି ୪ ତାରିଖ ସାରା ଦିନ ସବୁ ଅବକାରୀ ସାମଗ୍ରୀ ଦୋକାନ ବନ୍ଦ ରହିବ।

ସେହିପରି ନିର୍ବାଚନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ଓ ଭୋଟଗଣତି ଦିନ କୌଣସି ସ୍ପିରିଟଯୁକ୍ତ ପାନୀୟ, ଫର୍ମେଣ୍ଟେଡ ବା ବିଷାକ୍ତ ମଦ୍ୟ କିମ୍ବା ଏହିଭଳି ଅନ୍ୟ କୌଣସି ପଦାର୍ଥ କୌଣସି ହୋଟେଲ୍, ଖାଇବା ଘର, ମଧୁଶାଳା, ଦୋକାନ, କୌଣସି ସରକାରୀ ବା ବେସରକାରୀ ସ୍ଥାନରେ ବିକ୍ରୟ କିମ୍ବା ବଣ୍ଟନ କରାଯାଇପାରିବ ନାହିଁ। ଏହି ସମୟ ମଧ୍ୟରେ ମଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଗୁଡ଼ିକ କେବଳ ମଦ୍ୟ ପ୍ରସ୍ତୁତ କରିପାରିବେ। ଏହାକୁ ରପ୍ତାନି କିମ୍ବା ସ୍ଥାନାନ୍ତରୀକରଣ କରିପାରିବେ ନାହିଁ। ଲାଇସେନ୍ସପ୍ରାପ୍ତ ମଦ୍ୟ ବିକ୍ରେତାମାନେ ଏହି ନିଷିଦ୍ଧ ସମୟ ମଧ୍ୟରେ ଷ୍ଟକ୍ ଉଠାଇପାରିବେ ନାହିଁ। ଏହି ନିର୍ଦ୍ଦେଶନାମା ପାଳନରେ ଖିଲାପ କଲେ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅନ୍ୟପକ୍ଷରେ ସାଲେପୁର, ନିଆଳି ଓ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ସୁପରିଚାଳନା ପାଇଁ ପୋଲିଂ ଅଧିକାରୀମାନଙ୍କ ଯାତାୟାତ ସମେତ ଇଭିଏମ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସରଞ୍ଜାମ ପରିବହନ କରାଯିବାକୁ ଅଗ୍ରାଧିକାର ଦିଆଯାଇଛି। ଏହିସବୁ ନିର୍ବାଚନମଣ୍ଡଳୀଗୁଡ଼ିକର ଅଧିକାଂଶ ମତଦାନ କେନ୍ଦ୍ର ଗ୍ରାମାଞ୍ଚଳରେ ଅବସ୍ଥିତ। ଏଠାକୁ ଗମନାଗମନ ସଡ଼କ ସଙ୍କୁଚିତ ହୋଇଥିବା ଦୃଷ୍ଟିରୁ ଏହିସବୁ ରାସ୍ତାରେ ଖଣିଜ ପଦାର୍ଥ ପରିବହନ କରୁଥିବା ଯାନ ଯାତାୟାତ ଉପରେ ନିଷେଧାଦେଶ ଜାରି କରାଯାଇଛି। ଏଥିପାଇଁ କଟକ ସହର ଉପକଣ୍ଠ ଅଞ୍ଚଳରେ ସାମୟିକ ଭାବେ କୌଣସି ପ୍ରକାର ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ତଦ୍‌ଜନିତ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହିସବୁ ଯାନଗୁଡ଼ିକ ଚଳାଚଳ କଲେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେଣୁ ସାମୟିକ ଭାବେ ଏହିସବୁ ନିର୍ବାଚନ ମଣ୍ଡଳୀର ସମସ୍ତ ରାସ୍ତାରେ ୩୦ ତାରିଖ ସନ୍ଧ୍ୟା ୬ଟାରୁ ଜୁନ୍ ୨ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ଯାନବାହନ ଚଳାଚଳକୁ ନିଷେଧ କରାଯାଇଛି।

# ଓଡ଼ିଆ ଅସ୍ମିତା ରାବଣ ବଳୟରେ ବନ୍ଦୀ: ଭର୍ତ୍ତୃହରି

କଟକ,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ)



ଭର୍ତ୍ତୃହରି ମହତାବ

ଗୋଟିଏ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି। କେଉଁଥିପାଇଁ ଏପରି ହୋଇଛି ଏହାର ତଦନ୍ତ ହେବା ଆବଶ୍ୟକ। ସେହିପରି ଓଡ଼ିଆ ଅସ୍ମିତା ଆଜି ରାବଣ ବଳୟରେ ବନ୍ଦୀ ବୋଲି ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା କଟକ ଲୋକ ସଭା ଆସନର ପ୍ରାର୍ଥୀ ଭର୍ତ୍ତୃହରି ମହତାବ କହିଛନ୍ତି।

ଭର୍ତ୍ତୃହରି କହିଛନ୍ତି ଯେ, ବିଜୁ ପଟ୍ଟନାୟକଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ କାମ କରିଛି। ୮୦ ବର୍ଷ ବୟସରେ ବିଜୁ ବାବୁଙ୍କୁ ଏପରି କୌଣସି ବ୍ୟକ୍ତି ନିଜ ଇସାରାରେ ନଚାଇ ନ ଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅବସ୍ଥା ଦେଖି ଦୁଃଖ ଅନୁଭବ ହେଉଛି। ଓଡ଼ିଶାବାସୀଙ୍କ ମନରେ ମୁଖ୍ୟମନ୍ତ୍ରୀଙ୍କ ଏପରି ଅବସ୍ଥା ନେଇ ବହୁ ପ୍ରଶ୍ନ ଜାଗ୍ରତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କର ଦୁଇଟି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସଭାରେ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣିବା ହିଁ ଦର୍ଶାଉଛି ଯେ, ଚାରିକାନ୍ଥ ଭିତରେ ତାଙ୍କ ସହ କେଉଁଭଳି ଭାବେ ବ୍ୟବହାର କରାଯାଉଥିବ। ଏହି ସମସ୍ତ ଘଟଣାକୁ ନେଇ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ବାରିପଦାଠାରେ ସଭାରେ ଯୋଗଦେଇ ଅଭିଭାଷଣ ଦେବା ଅବସରରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଏଭଳି ବ୍ୟବହାର ଠିକ ନୁହେଁ, ଏହାର ତଦନ୍ତ ହେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ନାମରେ ଯେଉଁ ନିଷ୍ପତ୍ତି ନିଆଯାଇଛି, ଏହାର ଲାଭବାନ କିଏ ହେଉଛି। ନିର୍ଦ୍ଦିଷ୍ଟ କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଘେରି ରଖିଛନ୍ତି, ଅନ୍ୟ କାହାକୁ ତାଙ୍କ ସହ ମିଶିବାକୁ ଦିଆଯାଉ ନାହିଁ। ନବୀନ ବାବୁ ଆଜି ଏକାକୀ ଅନୁଭବ କରୁଛନ୍ତି କି ବୋଲି ମୋଦି ପ୍ରଶ୍ନ କରିଛନ୍ତି। ଆସନ୍ତା ୧୦ ତାରିଖରେ ରାଜ୍ୟରେ ଭାଜପା ସରକାର ଗଠନ ହେଲେ ଏସବୁର ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପ୍ରତି ଓଡ଼ିଶାରେ ଅଧିକାରୀମାନଙ୍କ ରାଜ୍ ଚାଲିଛି। ଆଶିଷ କୁମାର ସିଂ ଏସ୍‌ପି ଥିବା ସମୟରେ କେତୋଟି ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଛନ୍ତି ତାହାର ତଥ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଖରେ ରହିଛି। ଏଥିସହ ଅନ୍ୟ ଜଣେ ଅଧିକାରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ରହି କିପରି ଶାସକ ଦଳ ପାଇଁ କାମ କରୁଥିଲେ ତାହା ସାମ୍ନାକୁ ଆସିବାରେ ଲାଗିଛି। ଓଡ଼ିଆ ଅସ୍ମିତା ଆଜି ରାବଣର ବଳୟରେ ବନ୍ଦୀ ହୋଇରହିଛି। ଦିଲ୍ଲୀରେ ବା କେନ୍ଦ୍ରରେ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି ସତ, କିନ୍ତୁ ନିର୍ଦ୍ଦେଶ ଦେବା ପାଇଁ ପ୍ରଧାନମନ୍ତ୍ରୀ ରହିଛନ୍ତି। ହେଲେ ଓଡ଼ିଶାରେ ଅଧିକାରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରାଯାଉଛି। ଏହାର ଯାଞ୍ଚ ହେବା ଆବଶ୍ୟକ। ଏଭଳି ନୀତି ବିଜୁ ପଟ୍ଟନାୟକଙ୍କ ସମୟରେ ନ ଥିଲା। କିନ୍ତୁ ନବୀନ ପଟ୍ଟନାୟକଙ୍କ ସମୟରେ ଅଧିକାରୀଙ୍କ ଶାସନ ଚାଲିଛି। ଯେଉଁ ଡିଜିଟାଲ ଦସ୍ତଖତ ଯେଉଁ କରାଯାଉଛି, ତାହା କାହା ସ୍ୱାର୍ଥରେ ହେଉଛି ବୋଲି ମହତାବ ପ୍ରଶ୍ନ ଉଠାଇବା ସହ ଭାଜପାର ଏସବୁର ପର୍ଦ୍ଦାଫାସ୍ କରିବ ବୋଲି କହିଛନ୍ତି।

# ସଙ୍ଗୀତ ସୁରରେ ନିମଗ୍ନ ରହିଲେ ଶିଖିବା ସହଜ

**କଳାବିକାଶ କେନ୍ଦ୍ର ଗ୍ରୀଷ୍ମକାଳୀନ ଶିବିରର ୩ୟ ଦିବସ**

କଟକ,୨୯।୫(କାର୍ତ୍ତିକ ସାହୁ)

କଳାବିକାଶ କେନ୍ଦ୍ର ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିରର ବୁଧବାର ୩ୟ ଦିବସରେ ଚିତ୍ରଶିଳ୍ପୀ ଶଶୀକାନ୍ତ ରାଉତ ଚିତ୍ରକଳା ଆଙ୍କିବାର କୌଶଳ ଶିଖାଇଛନ୍ତି। ସେ ୱାଟର କଲର ଓ ପେନ୍‌ସିଲ୍ ଦ୍ୱାରା ଚାରକୋଲ୍ ସେଡିଂ ମାଧ୍ୟମରେ ତୂଳୀ ଚଳାଇବା ପ୍ରଶିକ୍ଷଣ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ନାରାୟଣ ସିଂ ଗୀତିନାଟ୍ୟର ଶୈଳୀ ଉପରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଅନ୍ୟତମ ନାଟ୍ୟ ନିର୍ଦ୍ଦେଶକ ସନ୍ଦୀପ ପାଣି ଅଭିନୟର ପ୍ରକାର ଓ ଶୈଳୀ ଉପରେ ଶିକ୍ଷାଦାନ କରିଥିଲେ। ସଙ୍ଗୀତଜ୍ଞ ତଥା ନିର୍ଦ୍ଦେଶକ ଏ. ମହେଶ୍ୱର ରାଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ଶୈଳୀ ପ୍ରଶିକ୍ଷଣ ଦେଇଥିଲେ। ନିଜକୁ ସଙ୍ଗୀତର ସୁରରେ ନିମଗ୍ନ ରହିଲେ ଶିଖିବା ସହଜ ହୋଇଥାଏ ବୋଲି କଳାକାରମାନଙ୍କୁ ସେ ପରାମର୍ଶ ଦେଇଥିଲେ। କଳାବିକାଶ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଶିବିର ପରିଚାଳକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ପ୍ରଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଭକ୍ତବଲ୍ଲଭ ଦାସ, ରାଧାମୋହନ ସାହୁ, ଡ. ସ୍ନେହଲତା ମିଶ୍ର, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଳାବିକାଶ କେନ୍ଦ୍ର ପକ୍ଷରୁ ଅଭିନୟର ଶୈଳୀ ଶିଖାଯାଉଛି।

# ରୋଚକ ହେବାରେ ଲାଗିଛି ସାଲେପୁର ରାଜନୀତି



ପ୍ରଶାନ୍ତ ବେହେରା



ଆକ୍ୟୁବ୍ ଉଜ୍ଜମନ୍ ଖାଁନ



ଅରିନ୍ଦମ ରାୟ

କଟକ,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ)

ସରଗରମ ହେବାରେ ଲାଗିଛି ସାଲେପୁର ରାଜନୀତି। ଦୁଇ ନୂଆ ମୁହଁଙ୍କ ସହ ପୁରୁଣା ଚେହେରାର ଲଢ଼େଇ ଦେଖିବେ ସାଲେପୁରବାସୀ। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ସାଲେପୁର ନିର୍ବାଚନରେ ପୁରୁଣା ଚେହେରା ଥିବାବେଳେ ଭାଜପା ପ୍ରାର୍ଥୀ ତଥା ଅଭିନେତା ଅରିନ୍ଦମ ରାୟ ଓ କଂଗ୍ରେସ ପ୍ରାର୍ଥୀ ଆକ୍ୟୁବ୍ ଉଜ୍ଜମନ୍ ଖାଁନ ପୁରୁଣା ଚେହେରା ରହିଛନ୍ତି। ଦୁଇ ନୂଆ ପ୍ରାର୍ଥୀ ପ୍ରଶାନ୍ତଙ୍କୁ କଡ଼ା ଟକ୍କର ଦେବେ ବୋଲି ଲୋକ ଆଲୋଚନା କରୁଛନ୍ତି। ସାଲେପୁରରେ କଂଗ୍ରେସ ଓ ଜନତା ଦଳ ମଧ୍ୟରେ ପୂର୍ବରୁ କଡ଼ା ଟକ୍କର ଦେଖିବାକୁ ମିଳିସାରିଛି ଏବଂ ବିଜେଡି କ୍ଷମତାକୁ ଆସିବା ପରେ ୨୦୦୦ ମସିହାରୁ ତିନିଥର ଏହି ଆସନ ଦଖଲ କରିଥିଲା। ପରେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ୫ବର୍ଷ ପରେ ପୁଣି ବିଜେଡି ଖାତାକୁ ଫେରିଥିଲା। କିନ୍ତୁ ଗତ ୫ବର୍ଷ ମଧ୍ୟରେ ସାଲେପୁରରେ ରାଜନୀତି ପାଣିପାଗ ବଦଳି ଯାଇଛି । ପ୍ରକାଶ ସାଲେପୁର ନିର୍ବାଚନ ମଣ୍ଡଳୀରୁ ଦୂରେଇ ଯାଇଛନ୍ତି। କିନ୍ତୁ ଏବେ ପ୍ରକାଶଙ୍କ ସଂଗଠନ ଯଦି ସହଯୋଗ ଦିଏ ତେବେ ପୁଣିଥରେ ପ୍ରଶାନ୍ତ ବାଜିମାତ୍ କରିପାରନ୍ତି ବୋଲି ଜନସାଧାରଣ ତର୍ଜମା କରୁଛନ୍ତି। ଅନ୍ୟପଟେ ଅରିନ୍ଦମଙ୍କ ପାଇଁ ଭାଜପାର ବହୁ ହେଭିୱେଟ୍ ନେତା ସାଲେପୁର ଆସି ଶକ୍ତି ପ୍ରଦର୍ଶନ କରିଛନ୍ତି। ସେହିପରି ଆକ୍ୟୁବ୍ ଗତ ପାଞ୍ଚ ବର୍ଷ ହେବ କଂଗ୍ରେସର ଯୁବନେତା ଭାବେ ନେତୃତ୍ୱ ନେବା ପରଠୁ ପୁରୁଣା ଓ ବହୁ ନୂଆ କର୍ମୀ ସଂଗଠିତ ହୋଇଛନ୍ତି। ଏପରିକି ସାଲେପୁରରେ କଂଗ୍ରେସର କିଛି ପକେଟ୍ ଭୋଟ୍ ରହିଛି। ସଂଖ୍ୟାଲଘୁ ଭୋଟରଙ୍କ ସହମତି କଂଗ୍ରେସ ସପକ୍ଷରେ ରହିଆସିଛି। ବିଭିନ୍ନ ପଞ୍ଚାୟତରେ କଂଗ୍ରେସର ସ୍ଥିତି ଏବେ ସୁଧୁରିବାରେ ଲାଗିଛି।

## ଭୋଟରଙ୍କ ମୁହଁରୁ...

**ପରିବର୍ତ୍ତନର ଆବଶ୍ୟକତା ରହିଛି**

"ସାଲେପୁର ନିର୍ବାଚନ ମଣ୍ଡଳୀରେ ପରିବର୍ତ୍ତନ ହେବା ନିତାନ୍ତ ଆବଶ୍ୟକ ରହିଛି। ଏଠାରେ ଗତ ୫ ବର୍ଷ ଭିତରେ ବିକାଶ କିଛି ହୋଇନି। କିନ୍ତୁ ବିକାଶ କରାଯାଇଛି ବୋଲି ମିଛ ପ୍ରଚାର କରାଯାଉଛି। ଏପରିକି ଦୁର୍ନୀତିମୁକ୍ତ ହେବା ଆବଶ୍ୟକତା ରହିଛି। ଏହି ସବୁକୁ ପଦ୍ମ ଚିହ୍ନ ହିଁ ଦୂରେଇପାରିବ ଏବଂ ନୂତନ ସାଲେପୁର ଗଢ଼ିପାରିବ ।

**ଦିଲ୍ଲୀପ ସାହୁ, ଭୋଟର**

**ଜନପ୍ରତିନିଧି ଲୋକଙ୍କ ପାଇଁ କାମ କରିବା ଉଚିତ**

"ସାଲେପୁର ଅଞ୍ଚଳରେ ଗତ ପାଞ୍ଚ ବର୍ଷ ମଧ୍ୟରେ ବହୁ ବିକାଶ ହୋଇଛି। ଯେଉଁ କାମ ରହିଛି, ତାହାକୁ ନିର୍ବାଚନ ପରେ ପୂରା କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି । ସାଲେପୁରବାସୀ ଜଣେ ଜନପ୍ରତିନିଧି ଚାହାଁନ୍ତି, ଯିଏ ଲୋକଙ୍କ ପାଇଁ କାମ କରନ୍ତି ଏବଂ ଆମ ଲୋକପ୍ରତିନିଧି ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁଣି ଥରେ ଅଭିନେତାଙ୍କୁ ବିଶ୍ୱାସ କରିବୁନି।

**ସରୋଜ ବେହେରା, ଭୋଟର**

**ଦଳ ଅପେକ୍ଷା ପ୍ରାର୍ଥୀଙ୍କୁ ପରଖୁଛୁ**

"ସାଲେପୁର ହେଉଛି ସ୍ୱାଭିମାନର ମାଟି। ଚଳିତ ନିର୍ବାଚନରେ ଦଳ ଅପେକ୍ଷା ପ୍ରାର୍ଥୀଙ୍କୁ ଦେଖୁଛୁ। ଦଳର ମହତ୍ତ୍ୱ ରହିଛି, ହେଲେ ପ୍ରାର୍ଥୀ କେତେ ଦୂର କାମ କରିପାରିବେ ତାହା ମଧ୍ୟ ତର୍ଜମା କରୁଛୁ। ସାଲେପୁରରେ ବିକାଶ ତ ହୋଇଛି କିନ୍ତୁ ଏବେ ପରିବର୍ତ୍ତନର ସମୟ।

**ଚନ୍ଦ୍ରଶେଖର ବିଶ୍ୱାଳ, ଭୋଟର**



ଭୂଦେବୀ ଓ ଶ୍ରୀଦେବୀଙ୍କ ସହିତ ମଦନ ମୋହନ ପଞ୍ଚପାଣ୍ଡବଙ୍କୁ ସାଙ୍ଗରେ ନେଇ ଚନ୍ଦନ ପୁଷ୍କରିଣୀକୁ ନୌକାବିହାର ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।





ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ନୀତି

ପୁରୀ,୨୯।୫(ଅଜିତ ମହାନ୍ତି)

ପବିତ୍ର ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସକୁ ଭଉଁରି କୁହାଯାଏ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ନୌକାବିହାର କରିଥାନ୍ତି। ୨୧ଦିନିଆ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସ ଅବସରରେ ବୁଧବାର ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଭଉଁରି ନୀତି ସମ୍ପନ୍ନ ହୋଇଯାଇଛି।

ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଛୁ ସେବକଙ୍କ ଦ୍ୱାରା ଠାକୁରଙ୍କ ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ନନ୍ଦା ଓ ଭଦ୍ରା ଚାପଡଙ୍ଗାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନକୁଣ୍ଡକୁ ବିଜେ ହୋଇଥିଲେ। ପରେ ବେଶ ଓ ଭୋଗ ମଣୋହି କରାଯାଇଥିଲା। ବିଡ଼ିଆ ମଣୋହି ହୋଇ ଠାକୁରମାନେ ଭଉଁରି ଯାତ୍ରା ପାଇଁ ଚାପଡଙ୍ଗାକୁ ବିଜେ ହୋଇଥିଲେ। ପୁଷ୍କରିଣୀର ସମସ୍ତ କୋଣ ଓ ଦୀପଦାଣ୍ଡି ନିକଟରେ ୨୧ ଘେରା ଲେଖାଏ ଠାକୁରମାନେ ଚାପଡଙ୍ଗାରେ ବୁଲିଥିଲେ। ଭଉଁରି ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଉଭଉଁରିଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ଚକଡ଼ାକୁ ପରିଷ୍କାର ପରିଚ୍ଛନ୍ନ ଓ ସୁସଜ୍ଜିତ କରାଯାଇଥିଲା। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ସହ ଭଜନ କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କ ପାଲିଙ୍କି ଓ ବିମାନ ଆଗେ ଆଗେ ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା- ମେଢ, ବାଡ଼ିଖେଳ, ନାଗା, ହନୁମାନ, କାଳୀ ମେଢ, ଖୋଲାମେଢ଼ ଆଦି ବାହାରିଥିଲା। ବିଶେଷକରି କୁନି କୁନି ପିଲାଙ୍କ ମେଢ଼ ନୃତ୍ୟ ମନ ମୋହିଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ମାହାରୀ ଆଦି ପରିବେଷଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମଣ୍ଡଳୀଙ୍କ ସଂକୀର୍ତ୍ତନ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସିଂହଦ୍ୱାର, ବଡ଼ଦାଣ୍ଡ, ମାର୍କେଟ ଛକ ଓ ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଗୁରୁବାର ଠାକୁରଙ୍କ ହଳଦୀପାଣି ନୀତି ଅନୁଷ୍ଠିତ ହେବ।



ଚନ୍ଦନ ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପ ଡ଼ଙ୍ଗାରେ ଠାକୁର ନୌକାବିହାର କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୫।୨୦୨୪

| | |
|---|---|
| ୪,୯୨,୫୫୭ ଟଙ୍କା | |
| ସୁନା | ୩.୮୦୦ ଗ୍ରାମ୍ |
| ରୁପା | ୩୧.୨୫୦ ଗ୍ରାମ୍ |

## ଅଲାରନାଥଙ୍କ ଚନ୍ଦନ ବେଶ



ବ୍ରହ୍ମଗିରି,୨୯।୫(ସ୍ୱାଧୀନ ଚମ୍ପତିରାୟ)

ପବିତ୍ର ଭଉଁରି ଯାତ ଉପଲକ୍ଷେ ବୁଧବାର ମହାପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଅଲାରନାଥଙ୍କ ବିଭିନ୍ନ ବେଶ ମଧ୍ୟରୁ ଏହି ସର୍ବାଙ୍ଗ ଚନ୍ଦନ ବେଶ ଅନ୍ୟତମ ଓ ପ୍ରସିଦ୍ଧ। ଅଲାରନାଥଙ୍କ ଭଉଁରି ଯାତ ବା ୨୧ ଦିନ ଚାପ ଖେଳ ପରେ ବୁଧବାର ଶେଷ ଚାପଖେଳ। ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ୯ କି.ଗ୍ରା. ଚନ୍ଦନକାଠକୁ ସେବାୟତମାନେ ଘୋରି ସେଥିରେ କର୍ପୂର, ଅଗୁର ଆଦି ସୁବାସିତ ଦ୍ରବ୍ୟମାନ ପକାଇ ଶ୍ରୀଜୀଉଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନେଇ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଚନ୍ଦନ ବେଶ ଓ ଜଳକ୍ରୀଡ଼ା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥଖଳାଠାରେ ମହାରଣା ସେବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## 'କବିତା ଦ୍ୱାରା ସମାଜର ବାସ୍ତବତା ଅନୁଭବ କରିହୁଏ'

ସାକ୍ଷୀଗୋପାଳ,୨୯।୫
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ୍‌ର ବିଦ୍ୟାଧରପୁର ପଞ୍ଚାୟତ ସଭାଗୃହରେ କଳ୍ପନା ସାହିତ୍ୟ ସାମାଜିକ ପରିଷଦ ଆନୁକୂଲ୍ୟରେ ଉତ୍କଳମଣି ସ୍ମୃତି ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। କବୟିତ୍ରୀ ଲଳିତା ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଇଂ. ସୁଶାନ୍ତ ବଳ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କବିତା ଦ୍ୱାରା ସମାଜର ବାସ୍ତବତା ଅନୁଭବ କରିହୁଏ ବୋଲି ଅତିଥିମାନେ କହିଥିଲେ। ୬୦ ଜଣ କବୟିତ୍ରୀ, କବି ଏଥିରେ ଅଂଶଗ୍ରହଣ କରି ନିଜସ୍ୱ ରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ମନୋଜ ମଞ୍ଜରୀ ଦେଓ ଏହାର ସଂଯୋଜନା କରିଥିଲେ। ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଧାରିତ ଆଲୋଚନାଚକ୍ରରେ 'ଆଉ ଥରେ ତୁମେ ଫେରି ଆସ' ଶୀର୍ଷକ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନାଙ୍କ ସମେତ କସ୍ତୁରୀ ଚରଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଷଡ଼ଙ୍ଗୀ, ସତ୍ୟବାଦୀ ଦାଶ, ପାଲା ଗାୟକ ବିଜୟ ପଟ୍ଟନାୟକ, କୃପାନିଧି ପ୍ରଧାନ, ଶବ୍ଦ ଭାରତୀ, କବି ଦେବଦତ୍ତ ପ୍ରଧାନ, ସତ୍ୟବାଦୀ କଳାସଂସ୍କୃତି ସଂଘ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ କବୟିତ୍ରୀ, କବିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ।

## ଗୋଷ୍ଠୀ ବିବାଦକୁ ନେଇ ଆକ୍ରମଣ

ପିପିଲି,୨୯।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ପୌରାଞ୍ଚଳ ୧୬ ନଂ. ୱାର୍ଡରେ ୨ ଗୋଷ୍ଠୀର ବିବାଦକୁ ନେଇ ଗ୍ରାମରେ ସଂଘବଦ୍ଧ ଆକ୍ରମଣ ହୋଇଛି। ସଂଘବଦ୍ଧ ଭାବେ ଏକାଧିକ ମହିଳା ପୁରୁଷ ଏକ ଘର ଉପରେ ଆକ୍ରମଣ କରୁଥିବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ତେବେ ବୁଧବାର ସକାଳୁ ଏକ ପଥର ଗାଡ଼ି କଥାକୁ କେନ୍ଦ୍ରକରି ପ୍ରଥମେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଅନ୍ୟ ଏକ ଗୋଷ୍ଠୀର ଏକାଧିକ ମହିଳା ପୁରୁଷ ସଂଘବଦ୍ଧ ଭାବେ ଗୋଟିଏ ପରିବାରର ଘରକୁ ପଥର ଫୋପାଡ଼ି ଆକ୍ରମଣ କରିଥିଲେ। ଆକ୍ରମଣରେ ଘରେ ଥିବା ବୃଦ୍ଧ ଓ ଛୋଟ ଝିଅ ଗୁରୁତର ଆହତ ହୋଇଛନ୍ତି।

## ବିଜେଡିରେ ମିଶିଲେ ଭାଜପା ସମିତି ସଭ୍ୟ

ଯୋଗେଶ୍ୱପୁର,୨୯।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ପଞ୍ଚାୟତ ଓ ଗୋପ ବ୍ଲକର ୨ଟି ପଂଚାୟତର ଭାଜପା କର୍ମୀମାନେ ବୁଧବାର କୋଣାର୍କଠାରେ ଅନୁଷ୍ଠିତ ମିଶ୍ରଣ ସମାରୋହରେ ବିଜେଡିରେ ସାମିଲ ହୋଇଛନ୍ତି। ସମାରୋହରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ନେତୃତ୍ୱରେ ସୁବାସିନୀ ପାତ୍ର, ପ୍ରଦେଶ ବିଶ୍ୱାଳ, କମଳାକାନ୍ତ ରାଉତ, ଭକ୍ତରଞ୍ଜନ ଦାସ, ଭାରତୀ ମଲ୍ଲିକ, ସରସ୍ୱତୀ ସାହୁ ପ୍ରମୁଖ ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି।

## ରଥଖଳାରୁ...

## ୩ ରଥର ୨୦ ଚକ ନିର୍ମାଣ ଶେଷ



ପୁରୀ,୨୯।୫(ଅଜିତ ମହାନ୍ତି)

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ବୁଧବାର ଚକ ଅଖ ଡେରା ନୀତି ପାଳିତ ହୋଇଛି। ମହାପ୍ରଭୁଙ୍କ ସକାଳ ଧୂପ ଶେଷ ହେବା ପରେ ରତ୍ନ ସିଂହାସନରୁ ୩ ଠାକୁରଙ୍କ ଆଜ୍ଞା ମାଳ ଶ୍ରୀନଅରକୁ ବିଜେ ହୋଇ ଆସିବା ପରେ ୩ ପୂଜାପଣ୍ଡା ସମନ୍ତଙ୍କ ଦ୍ୱାରା ଆଜ୍ଞା ମାଳ ଲାଗି ସମ୍ପନ୍ନ ହୋଇଥିଲା। ତେବେ ଭଉଁରି ତିଥିରେ ଚକା ଡେରା ନୀତି ପରେ ପରମ୍ପରା ପ୍ରକାରେ ରଥ ଖଳାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥାଏ। ତେଣୁ ମଧ୍ୟାହ୍ନ ବିରତି ପର୍ଯ୍ୟନ୍ତ ରଥ ଖଳାରେ ୩ ରଥର ନିର୍ମାଣକାରୀ ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖି କାର୍ଯ୍ୟ ଶେଷ ବେଳକୁ ୩ ରଥର ମୋଟ ୨୦ଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ମଙ୍ଗଳବାର ୫ଟି ଚକ ନିର୍ମାଣ ଶେଷ ହୋଇଥିବାବେଳେ ବୁଧବାର ଆଉ ୨ଟି ତୁମ୍ବ ସିଙ୍ଗଡ଼ାରେ ପଇ ସଂଯୋଗ ପୂର୍ବକ ପଇ କଳସା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ପଦଳନ ରଥର ୫ଟି ଚକ ନିର୍ମାଣ ଶେଷ ହୋଇ ବୁଧବାର ଆଉ ୨ଟି ଚକ ନିର୍ମାଣ ଶେଷ ହୋଇଛି। ସମୁଦାୟ ଦର୍ପଦଳନ ରଥର ୭ଟି ଚକ ନିର୍ମାଣ ଶେଷ ହୋଇଛି। ସେହିପରି ନନ୍ଦିଘୋଷ ରଥର ୬ଟି ଚକ ନିର୍ମାଣ ଶେଷ ହୋଇଥିଲା। ନନ୍ଦିଘୋଷ ରଥର ମହାରଣା ସେବକମାନେ କାର୍ଯ୍ୟ ଶେଷ ବେଳକୁ ଆଉ ୨ଟି ଚକ ନିର୍ମାଣ ଶେଷ କରିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ନନ୍ଦିଘୋଷ ରଥର ୮ଟି ଚକ ନିର୍ମାଣ ଶେଷ ହୋଇଛି। ଏହିପରି ୩ ରଥର ବୁଧବାର ସୁଦ୍ଧା ୨୦ଟି ଚକ ନିର୍ମାଣ ଶେଷ ହୋଇଛି।

## କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

ଯୋଗେଶ୍ୱପୁର,୨୯।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବରି ପଞ୍ଚାୟତର ୪ ନଂ. ୱାର୍ଡ ମିର୍ଜା ସାହିରେ ବୁଧବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ପ୍ରଣୟ ସାହୁ, ସରପଞ୍ଚ ପ୍ରଭାତୀ ସାହୁ, ପୂର୍ବତନ ଗୋପ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ବେହେରା, ଯୁବ କଂଗ୍ରେସ ଉପସଭାପତି ହରେକୃଷ୍ଣ ମହାନ୍ତି, ହରିବୋଲ ମିଶ୍ର, ହୃଦାନନ୍ଦ ସାହୁ, ଶେଖ କାଲା ବାବୁଙ୍କ ନେତୃତ୍ୱରେ ମିର୍ଜା ସଉକତ ଅଲ୍ଲୀ, ମିର୍ଜା ବେଗ୍, ଇଲିୟାସ ବେଗ୍, ମୁସ୍ତକ ବେଗ୍, ସିକିଲ ବେଗ୍, ଗଫର ବେଗ୍, ସାବଉଦିନ ପ୍ରମୁଖ କଂଗ୍ରେସ ରେ ସାମିଲ ହୋଇଛନ୍ତି।

## ସାର୍ଟିଫିକେଟ ବାଣ୍ଟିବା ଆଳରେ ଟଙ୍କା ବଣ୍ଟନ

ଗୋପ,୨୯।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ଅଣ୍ଡରା- ଇଛାପୁର ପଞ୍ଚାୟତର ତୋଟାସାହି ଗ୍ରାମରେ ବୁଧବାର ମଧ୍ୟାହ୍ନରେ କଳାକାର ସାର୍ଟିଫିକେଟ ବାଣ୍ଟିବା ଆଳରେ ଭୋଟ ପାଇଁ ଟଙ୍କା ବଣ୍ଟନ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍ ଉପାଧ୍ୟକ୍ଷ ତଥା ଅଣ୍ଡରା- ଇଛାପୁର ପଞ୍ଚାୟତ ସମିତି ସଭ୍ୟ ବନରଞ୍ଜନ ପଟ୍ଟନାୟକ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ସମ୍ପୃକ୍ତ ମହିଳା ସେଠାରୁ ଫେରାର ହୋଇଯାଇଥିଲେ। ପ୍ରକାଶ ଯେ, ଏବେ ଆଚରଣ ବିଧି ଲାଗିଥିବାବେଳେ କାହା ନିର୍ଦ୍ଦେଶରେ ଏହି କଳାକାର ସାର୍ଟିଫିକେଟ ବଣ୍ଟନ ହେଉଥିବା ନେଇ ସରପଞ୍ଚ ମୀନା କୁମାରୀ ମହାନ୍ତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ମହିଳାଙ୍କ ସହ ଆଉ ଜଣେ ବ୍ୟକ୍ତି ଶାସକ ଦଳ ନେତାଙ୍କ ନିର୍ଦ୍ଦେଶରେ ଟଙ୍କା ଦେଇ ଭୋଟରଙ୍କୁ ହାତେଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ପାଇ ବ୍ଲକ୍ ଉପାଧ୍ୟକ୍ଷ ପହଞ୍ଚିଥିଲେ।

# ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା

ସାକ୍ଷୀଗୋପାଳ,୨୯।୫(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ବୁଧବାର ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶରେ ଚଳଚଞ୍ଚଳ ହୋଇଥିଲା। ପ୍ରତ୍ୟୁଷରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତୀ, ମର୍ଦ୍ଦନ ଅବକାଶ, ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ବେଶ, ଆଲଟ ଲାଗି ଓ ଚନ୍ଦନ ବେଢା ପରେ ପଣାଭୋଗ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଆଲଟଲାଗି, ଚନ୍ଦନବେଢା, କାଛିଲାଗି, ଚନ୍ଦନ ଚର୍ଚ୍ଚିତ ବେଶ, ଦ୍ୱିପ୍ରହର ଧୂପ ସମାପନ କରାଯାଇ ବିଜେ ପ୍ରତିମା ମଦନମୋହନ ସୁସଜ୍ଜିତ ବିମାନରେ ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ଦିନ ଚାପରେ ପୁଷ୍କରିଣୀର ୩ ଘେରା ଓ ପ୍ରତ୍ୟେକ କୋଣରେ ୭ ଘେରା ଲେଖାଏ ଭଉଁରି ଖେଳିଥିଲେ। ପରେ ପରେ ମଦନମୋହନଙ୍କ ଚନ୍ଦନ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଣା ଭୋଗ, ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟାଧୂପ ବେଶ, ଚନ୍ଦନ ମଣ୍ଡପରେ ମଦନମୋହନଙ୍କ ବେଶ, ଟାହିଆଲାଗି, ଯାତଭୋଗ, ଗୋଟିପୁଅ ନୃତ୍ୟ ପରିଷେଣ କରାଯାଇଥିଲା। ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ପରେ ରାତି ଚାପ ଆରମ୍ଭ ହୋଇଥିଲା। ରାତି ଚାପରେ ୭ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଲେଖାଏ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ଚାପ ଖେଳ ପରେ ସାହି ଯାତରେ ପାରମ୍ପରିକ ନାଗା ବନାଟି, ମେଢ଼ନୃତ୍ୟ ଆଦି ପଟୁଆର ଅନୁଷ୍ଠିତ ହୋଇଥିଲା। ସେବାୟତ ସଂଘର ପଙ୍‌କ୍ତିଭୋଗ ପରେ ମଦନମୋହନ ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବଡ଼ଜାଗା ପକ୍ଷରୁ ସାହିଯାତ, ମନ୍ଦିର ପ୍ରଶାସନର ଶ୍ରୀରାମ ଲୀଳା କଳାକାରମାନେ ପରିବେଷଣ କରିଥିଲେ। ପ୍ରଚଳିତ ପରମ୍ପରା କ୍ରମେ ଠାକୁରଙ୍କ ବିମାନ କାନ୍ଧେଇ ଚନ୍ଦନ ଯାତ୍ରା ପାଇଁ ଚନ୍ଦନ ମଣ୍ଡପକୁ ନେବାଆଣିବା କରୁଥିବା କାନ୍ଧିଆମାନେ ବିମାନ ଓ ଚାପ ଫୁଲ ହାରରେ ଆକର୍ଷଣୀୟ ଭାବରେ ସଜ୍ଜିତ କରିଥିଲେ।



ଠାକୁର ଚାପ ଖେଳୁଛନ୍ତି।

